ବର୍ଷ ୭, ସଂଖ୍ୟା ୦୭

ଅକ୍ଟୋବର ୧-୧୫, ୨୦୨୬

ନିଃଶୁଳ୍କ ବିତରଣ ଲାଗି

ନ୍ୟୁ ଇଣ୍ଡିଆ ସମାଚାର

ଭାରତର ପରିକଳ୍ପନା ପାଲଟିଛି ବିଶ୍ୱର ଲକ୍ଷ୍ୟ

‘ମାନବତା ପ୍ରଥମ, ଲୋକ କେନ୍ଦ୍ରିକ ବିକାଶ’ର ଭାବନା ଏବଂ ସାର୍ବଜନୀନ ଭ୍ରାତୃତ୍ୱ ଭାବର ଏକ ନୂତନ ଅଧ୍ୟାୟର ନେତୃତ୍ୱ ନେଇ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ (୨୦୨୬)ରେ ଭାରତ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି : ପ୍ରତ୍ୟେକ ବ୍ୟକ୍ତି ପାଖରେ ପହଞ୍ଚୁଥିବା ବିକାଶ ହିଁ ପ୍ରକୃତ, ସାମଗ୍ରିକ ବିକାଶ...



Follow Us @NISPIBIndia

ଭାରତୀୟ ବାୟୁସେନା ଦିବସ ୯୪ତମ ବାର୍ଷିକ (୮ ଅକ୍ଟୋବର ୨୦୨୬)

‘ସାହସ ଓ ବୀରତ୍ୱର ପ୍ରତୀକ’

ଭାରତୀୟ ବାୟୁ ସେନା

ଭାରତୀୟ ବାୟୁସେନାକୁ ନେଇ ପ୍ରତ୍ୟେକ ନାଗରିକ ଗର୍ବିତ । ରାଷ୍ଟ୍ର ସୁରକ୍ଷା ସୁନିଶ୍ଚିତ କରିବା ହେଉ କିମ୍ବା ବିପର୍ଯ୍ୟୟ ସମୟରେ ଜୀବନ ରକ୍ଷା କରିବା—ଆମର ବୀର ଯବାନମାନେ ସର୍ବଦା ଅପାର ସାହସ ଓ ନିଷ୍ଠା ସହକାରେ ଆଗକୁ ଆସିଥାନ୍ତି। ଏହା ବ୍ୟତୀତ, ନିଜର ସାମର୍ଥ୍ୟ ଏବଂ ଯେକୌଣସି ଆହ୍ୱାନର ମୁକାବିଲା କରିବା ପାଇଁ ସର୍ବଦା ପ୍ରସ୍ତୁତି ଲାଗି ଏହି ବାହିନୀ ଦେଶ ପାଇଁ କ୍ରମାଗତ ଭାବେ ଗୌରବ ଆଣିଛି। ଭାରତୀୟ ବାୟୁସେନାର ବୀରତ୍ୱ, ପ୍ରତିବଦ୍ଧତା ଏବଂ ନିଷ୍ଠାକୁ ନେଇ ପ୍ରତ୍ୟେକ ନାଗରିକ ଗର୍ବ ଅନୁଭବ କରନ୍ତି; ଯାହା ଉଲ୍ଲେଖନୀୟ ସେବା ଓ ତ୍ୟାଗ ମାଧ୍ୟମରେ ଆମ ଆକାଶମାର୍ଗର ସୁରକ୍ଷା ସୁନିଶ୍ଚିତ କରିଥାଏ...





ଭାରତୀୟ ବାୟୁସେନା ହେଉଛି ବୀରତ୍ୱ, ଶୃଙ୍ଖଳା ଏବଂ ସଠିକତାର ପ୍ରତୀକ। ଅତ୍ୟନ୍ତ କଠିନ ପରିସ୍ଥିତିରେ ମଧ୍ୟ ଆମ ଆକାଶସୀମାକୁ ସୁରକ୍ଷିତ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ଅବଦାନ ମଧ୍ୟ ପ୍ରଶଂସନୀୟ। ଏହାର ପ୍ରତିବଦ୍ଧତା, ବୃତ୍ତିଗତ ଉତ୍କର୍ଷତା ଏବଂ ଅଦମ୍ୟ ସାହସ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରେ । *- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ*



NEW INDIA SAMACHAR

VOLUME 7, ISSUE 07 | OCTOBER 1-15, 2026

EDITOR IN CHIEF
DHIRENDRA OJHA
Principal Director General,
Press Information Bureau,
New Delhi

CHIEF CONSULTING EDITOR
SANTOSH KUMAR

SENIOR ASST. CONSULTING EDITOR
PAWAN KUMAR

ASST. CONSULTING EDITORS
AKHILESH KUMAR
CHANDAN KUMAR CHOUDHARY

LANGUAGE EDITORS
SUMIT KUMAR (ENGLISH)
RAJNEESH MISHRA (ENGLISH)
NADEEM AHMED (URDU)

SENIOR DESIGNER
PHOOL CHAND TIWARI

DESIGNERS
SATYAM SINGH
ANIL KUMAR



CLICK TO READ
NEW INDIA SAMACHAR
AVAILABLE IN 13 LANGUAGES
https://newindiasamachar.pib.gov.in/news.aspx
TO READ THE NEW INDIA SAMACHAR ARCHIVE EDITIONS CLICK
https://newindiasamachar.pib.gov.in.archive.aspx

Follow @NISPIBIndia on Twitter for regular updates on 'New India Samachar'

On the inside pages...


BRICS 2026

A Beacon of Humanity Under India's Leadership



Cover Story

India has been an integral part of the BRICS story since its inception, and today, one in every two people on Earth resides in a BRICS nation. The 18th BRICS Summit, held at Bharat Mandapam in New Delhi, celebrated two decades of this journey. With the 'New Delhi Declaration', India has steered BRICS toward a new, more effective, and human-centric direction… |6-25



He has been guiding the nation – first as the Chief Minister of Gujarat and now as Prime Minister for 12 years – through his model of good governance. Marking the completion of 25 years of his ceaseless journey of service and dedication since taking the oath as Gujarat's Chief Minister on October 7, 2001, here is a special report… |26-47

UPI... The story of a civilisation
PM Modi inaugurated the 'Global Fintech Fest 2026' |48-49

Freight Corridors: The Lifeline of a Resurgent India
PM Modi gifts projects worth ₹35,000 crore to Gujarat |50-51

True strength... Knowledge leads to awareness, and awareness leads to change.
PM Modi shares a guiding principle with Teachers |52-53

Expansion of rail connectivity; EPFO wage limit now ₹25,000
Several key decisions taken at the Union Cabinet meeting |54-55

The mantra for space exploration is cooperation...
PM Modi addresses the International Space Summit |56

The resolve for a 'Drug-Free India' to be realised by 2029
India will be 'drug-free' by 2029-Home Minister Amit Shah. |57

A confluence of India's ancient genius and France's modern engineering
PM Modi inaugurates the Swaminarayan Temple in Paris |58-59

Personality: Tiruppur Kumaran
The man who did not let the national flag fall |60

SRCC Centenary Celebrations

140 Crore Indians will together...
Turn India into a developed and self-reliant nation



Speaking at the event marking the completion of 100 years of Delhi University's Shri Ram College of Commerce, Prime Minister Narendra Modi stated that 1.4 billion citizens would collectively transform India into a developed and self-reliant nation... | 4-5

Published: Kanchan Prasad, Director General, on behalf of Central Bureau of Communication
Communication Address : Room No–1077, Soochna Bhawan, CGO Complex, New Delhi -110003.
E-Mail : response-nis@pib.gov.in, RNI No. : DELENG/2020/78811

ସମ୍ପାଦକଙ୍କ କଲମରୁ...

ଭାରତର ନେତୃତ୍ୱରେ ବ୍ରିକ୍ସ ପାଇଁ ଏକ ନୂତନ ଅଧ୍ୟାୟ

ଆନ୍ତରିକ ଅଭିନନ୍ଦନ,

ବ୍ରିକ୍ସର ୨୦ତମ ବାର୍ଷିକୀ ସହିତ ସମକାଳୀନ ଭାରତର ଚତୁର୍ଥ ଥର ପାଇଁ ଅଧ୍ୟକ୍ଷତା ଏକ ଐତିହାସିକ ଘଟଣା ଭାବେ ପରିଗଣିତ ହୋଇଛି। ପ୍ରମୁଖ ଉଦୀୟମାନ ଅର୍ଥନୀତିଗୁଡ଼ିକ ମଧ୍ୟରେ ଅର୍ଥନୈତିକ ନୀତିର ସମନ୍ୱୟ ରକ୍ଷା କରିବା ପାଇଁ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ଉଭା ହୋଇଛି। ଏଠାରେ, ବିଶ୍ୱର ଏଗାରଟି ଉଦୀୟମାନ ଅର୍ଥନୀତି ବିଶ୍ୱ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ମିଳିତ ଦୃଷ୍ଟିକୋଣ ପ୍ରସ୍ତୁତ କରିଥାନ୍ତି। ଏହା 'ଗ୍ଲୋବାଲ୍ ସାଉଥ୍' ର ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ମଧ୍ୟ ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି।

'ସ୍ଥିତିସ୍ଥାପକତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ନିର୍ମାଣ' ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ, ଭାରତ ବିଶ୍ୱସ୍ତରରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ପ୍ରାଥମିକତାକୁ ନିରନ୍ତର କଭାବେ ଉପସ୍ଥାପନ କରିଥିଲା। ଜଟିଳ ଭୂ-ରାଜନୈତିକ ପରିସ୍ଥିତି ସତ୍ତ୍ୱେ, ଭାରତ ଏକ ସନ୍ତୁଳିତ, ଅନ୍ତର୍ଭୂକ୍ତମୂଳକ, ବିକାଶ-ଅଭିମୁଖୀ ଏବଂ ଜନ- କେନ୍ଦ୍ରିକ ଦୃଷ୍ଟିକୋଣ ଆପଣାଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହମତି ସ୍ଥାପନ କରିବାରେ ସଫଳ ହୋଇଥିଲା।

ଭାରତ ଏହି ପ୍ଲାଟଫର୍ମର ପରିସରକୁ କେବଳ ସରକାରୀ ବ୍ୟବସ୍ଥା ମଧ୍ୟରେ ସୀମିତ ନ ରଖି ସାଧାରଣ ନାଗରିକ, କୃଷକ, ଉଦ୍ୟୋଗୀ, ମହିଳା ଏବଂ ଯୁବବର୍ଗଙ୍କୁ ମଧ୍ୟ ଏଥିରେ ସାମିଲ କରିଛି। ଦେଶର ୩୦ରୁ ଅଧିକ ସହରରେ ଅନୁଷ୍ଠିତ ୪୦୦ରୁ ଅଧିକ ବୈଠକ ଏହାର ପ୍ରମାଣ ଅଟେ ଯେ, ଭାରତ 'ଲୋକ - କେନ୍ଦ୍ରିକ' ଏବଂ 'ମାନବତାକୁ ପ୍ରାଥମିକତା' ଦେବାର ଦୃଷ୍ଟିକୋଣକୁ କେବଳ ସ୍ଲୋଗାନରୁ ବାସ୍ତବ କାର୍ଯ୍ୟଶୈଳୀରେ ପରିଣତ କରିଛି।

୧୨ ରୁ ୧୩ ସେପ୍ଟେମ୍ବର ୨୦୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଏହି ଯାତ୍ରାର ଏକ ମୁଖ୍ୟ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା। ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସୁବିଧା - ସୁଯୋଗର ପିରାମିଡ୍' (ପିରାମିଡ୍ ଅଫ୍ ପ୍ରିଭିଲେଜ୍) କୁ 'ଅଂଶୀଦାରୀର ପ୍ଲାଟଫର୍ମ' ରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ସର୍ବସମ୍ମତି କ୍ରମେ ଗୃହୀତ 'ନୂଆଦିଲ୍ଲୀ ଘୋଷଣାନାମା' ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା, ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ରେ ସଂସ୍କାର ଏବଂ 'ଗ୍ଲୋବାଲ୍ ସାଉଥ୍' ର ସ୍ୱରକୁ ମଜବୁତ କରିବା ଦିଗରେ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲା। ଭାରତର ଅଧ୍ୟକ୍ଷତା କେବଳ ଏକ କୂଟନୈତିକ ଦାୟିତ୍ୱ ନୁହେଁ, ବରଂ ଏକ ବହୁ-ମେରୁ ବିଶିଷ୍ଟ ବିଶ୍ୱ ଦିଗରେ ଏକ ଠୋସ୍ ପଦକ୍ଷେପ ଅଟେ ଏବଂ ଏହା ଆମର ବର୍ତ୍ତମାନର ସଂସ୍କରଣର ମୁଖ୍ୟ ବିଷୟବସ୍ତୁ ରହିଛି।

ଏହା ଏକ ଉଲ୍ଲେଖନୀୟ ସଂଯୋଗ ଯେ, ଭାରତର ବ୍ରିକ୍ସ ଅଧ୍ୟକ୍ଷତା — ଯାହା ମାଧ୍ୟମରେ ଦେଶ ବିଶ୍ୱକୁ ମାନବିକତାର ବାର୍ତ୍ତା ପ୍ରଦାନ କରିଛି— ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କ୍ଷେତ୍ରରେ ୨୫ ବର୍ଷର ଯାତ୍ରା ସମ୍ପୂର୍ଣ ହେବା ସହିତ ଏକା ସମୟରେ ଘଟୁଛି। ଭାରତୀୟ ଶାସନ ବ୍ୟବସ୍ଥା ଓ ଜନସେବାର ପରିବର୍ତ୍ତନଶୀଳ ପରିପ୍ରେକ୍ଷୀରେ ଏହି ୨୫ ବର୍ଷର ଯାତ୍ରାକୁ ଅନୁଧ୍ୟାନ କରି, ଏହି ସଂସ୍କରଣ ଏକ ସ୍ୱତନ୍ତ୍ର ରିପୋର୍ଟ ଉପସ୍ଥାପନ କରୁଛି ଯାହା ତାଙ୍କ ସାର୍ବଜନୀନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ପ୍ରତିଫଳିତ କରେ।

'ବ୍ୟକ୍ତିତ୍ୱ' ବିଭାଗରେ ତିରୁପ୍ପୁର କୁମାରନ୍‌ଙ୍କ ବିଷୟରେ ଉଲ୍ଲେଖ ରହିଛି, ଯିଏ ଜାତୀୟ ପତାକାର ସମ୍ମାନ ରକ୍ଷା କରିବା ସମୟରେ ବଳିଦାନ ଦେଇଥିଲେ। ଏଥିରେ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଏବଂ ଗତ ପନ୍ଦର ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଅଂଶ ମଧ୍ୟ ସାମିଲ ରହିଛି।

ଅନ୍ୟାନ୍ୟ ମୁଖ୍ୟ ଆକର୍ଷଣ ମଧ୍ୟରେ ରହିଛି ଭିତର ପୃଷ୍ଠାରେ 'ବାୟୁସେନା ଦିବସ' (ଅକ୍ଟୋବର ୮ ରେ ପାଳିତ) ସମ୍ପର୍କିତ ସ୍ୱତନ୍ତ୍ର ବିଷୟବସ୍ତୁ ଏବଂ ପଛ ପୃଷ୍ଠାରେ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ (ଅକ୍ଟୋବର ୧୫) ଅବସରରେ ଏକ କୃତଜ୍ଞ ରାଷ୍ଟ୍ର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

ଆମକୁ ଆପଣଙ୍କର ମତାମତ ପଠାଇବା ଜାରି ରଖନ୍ତୁ।




(ଧିରେନ୍ଦ୍ର ଓଝା)

ହିନ୍ଦୀ, ଇଂରାଜୀ ଏବଂ ଅନ୍ୟ ୧୧ ଟି ଭାଷାରେ ଉପଲବ୍ଧ ପତ୍ରିକାକୁ ପଢ଼ନ୍ତୁ/ଡାଉନଲୋଡ୍ କରନ୍ତୁ।

https://newindiasamachar.pib.gov.in/

ଚିଠି ବାକ୍ସ





ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୂଲ୍ୟବାନ ପତ୍ରିକା

ମୁଁ ନିୟମିତ ଭାବେ ଇ - ମେଲ୍ ମାଧ୍ୟମରେ 'ନ୍ୟୁ ଇଣ୍ଡିଆ ସମାଚାର' ପତ୍ରିକା ପାଇଥାଏ। ସରକାରୀ ପଦକ୍ଷେପ, ଯୋଜନା ଏବଂ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କିତ ସୂଚନା ପ୍ରସାର ପାଇଁ ଏହା ଏକ ମୂଲ୍ୟବାନ ମାଧ୍ୟମ। ଛାତ୍ରଛାତ୍ରୀ, ଗବେଷକ ଏବଂ ସାଧାରଣ ଜନତା - ସମସ୍ତଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

nikhil4249@gmail.com

ବିକାଶ ଏବଂ ପରିବର୍ତ୍ତନକାରୀ ପଦକ୍ଷେପ ସମ୍ପର୍କିତ ତଥ୍ୟ

ମୁଁ 'ନ୍ୟୁ ଇଣ୍ଡିଆ ସମାଚାର' ର ସମଗ୍ର ସମ୍ପାଦନା ମଣ୍ଡଳୀକୁ ଆନ୍ତରିକତାର ସହ ପ୍ରଶଂସା କରୁଛି। ଏହା ଏକ ଅତ୍ୟନ୍ତ ତଥ୍ୟଭିତ୍ତିକ ଏବଂ ଉପଯୋଗୀ ପ୍ରକାଶନ। ଜଣେ ନିୟମିତ ପାଠକ ଭାବରେ, ମୁଁ ଏହି ପତ୍ରିକାକୁ ସମଗ୍ର ଭାରତରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ଏବଂ ପରିବର୍ତ୍ତନକାରୀ କାର୍ଯ୍ୟ ସମ୍ପର୍କିତ ସୂଚନାର ଏକ ମୂଲ୍ୟବାନ ଉତ୍ସ ବୋଲି ମନେ କରେ।

michaelbks@gmail.com

ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଏବଂ ଲିଖନ କାର୍ଯ୍ୟ ପାଇଁ ସହାୟକ

ମୁଁ କର୍ଣ୍ଣାଟକର ବାଗଲକୋଟ ଜିଲ୍ଲାର ଜଣେ ଛାତ୍ର ତଥା ଲେଖକ। ମୋର ପାଠପଢ଼ା, ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଏବଂ ଲିଖନ କାର୍ଯ୍ୟରେ ସହାୟତା ପାଇଁ ମୁଁ ନିୟମିତ ଭାବେ 'ନ୍ୟୁ ଇଣ୍ଡିଆ ସମାଚାର' ପଢ଼ିଥାଏ। ଏହା ପ୍ରଚୁର ତଥ୍ୟରେ ପରିପୂର୍ଣ୍ଣ ଏକ ଉନ୍ନତମାନର ପତ୍ରିକା।

rahimanpoetry@gmail.com

ତଥ୍ୟର ଏକ ବିଶାଳ ଭଣ୍ଡାର

'ନ୍ୟୁ ଇଣ୍ଡିଆ ସମାଚାର' ଏକ ଉନ୍ନତମାନର ପତ୍ରିକା ; ମୁଁ ଏହାର ପ୍ରତ୍ୟେକ ସଂସ୍କରଣ ପଢ଼ିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଦେଶ ଗସ୍ତ ଏବଂ ବୈଦେଶିକ ନୀତି ସମ୍ପର୍କରେ ଅବଗତ ରହିବାକୁ ମୁଁ ସର୍ବଦା ଆଗ୍ରହୀ। ମୁଁ ଏହାକୁ ଅନ୍‌ଲାଇନ୍‌ରେ ପଢ଼େ ଏବଂ ଏହାକୁ ତଥ୍ୟର ଏକ ସମୃଦ୍ଧ ଉତ୍ସ ବୋଲି ମନେକରେ।

ashishprabhatmishra@gmail.com

ଭାରତର ବିକାଶ, ଯୋଜନା ଏବଂ ପରିବର୍ତ୍ତନଶୀଳ ସ୍ଥିତି ବିଷୟରେ ଏକ ମାର୍ଗଦର୍ଶିକା

ମୁଁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛି। ଏହି ସମୟ ମଧ୍ୟରେ ମୁଁ 'ନ୍ୟୁ ଇଣ୍ଡିଆ ସମାଚାର' ବିଷୟରେ ଜାଣିବାକୁ ପାଇଲି। ମୁଁ ଅନୁଭବ କଲି ଯେ ଏହା କେବଳ ଏକ ପତ୍ରିକା ନୁହେଁ, ବରଂ ଭାରତର ବିକାଶ, ସରକାରୀ ଯୋଜନା ଏବଂ ଦେଶର ପରିବର୍ତ୍ତନଶୀଳ ସ୍ଥିତି ବିଷୟରେ ଏକ ମାର୍ଗଦର୍ଶିକା ଅଟେ। ପାଠକମାନଙ୍କ ପାଇଁ ଏହା ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର।

ସୁନୀଲ କୁମାର ବୋହରା
bohramadawas@gmail.com

Communication Address : Room No–1077, Soochna Bhawan, CGO Complex, New Delhi -110003

E-Mail: response-nis@pib.gov.in



୧୪୦ କୋଟି ଭାରତୀୟ ମିଳିତ ଭାବେ...

ଭାରତକୁ ଏକ ବିକଶିତ ଓ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ କରିବେ

ଭାରତର ଦ୍ରୁତ ଅଭିବୃଦ୍ଧି ଏବଂ ସୁଦୃଢ଼ ଅର୍ଥନୀତି ଏହାର ତ୍ୱରିତ ନିଷ୍ପତ୍ତି ଗ୍ରହଣ କ୍ଷମତାର ପ୍ରମାଣ ଅଟେ। ବିଶ୍ୱସ୍ତରୀୟ ଅସ୍ଥିରତା ମଧ୍ୟରେ ଦେଶର ୭.୮% ଅଭିବୃଦ୍ଧି ହାର ଏହାର ଅର୍ଥନୈତିକ ଶକ୍ତିକୁ ଦର୍ଶାଉଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ରାମ କଲେଜ ଅଫ୍ କମର୍ସ (ଏସଆରସିସି)ର ଶତବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ୧୪୦ କୋଟି ନାଗରିକ ଏକଜୁଟ ହୋଇ ଭାରତକୁ ଏକ ବିକଶିତ ଓ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ କରିବେ।

ଯେତେବେଳେ କୌଣସି ଅନୁଷ୍ଠାନ ୧୦୦ ବର୍ଷ ପୂରଣ କରେ, ସେତେବେଳେ ଏହା ଅସଂଖ୍ୟ ସଫଳତା ଏବଂ ପ୍ରେରଣାର ଏକ ବିଶାଳ ଭଣ୍ଡାରରେ ପରିଣତ ହୁଏ। ଗତ ଶତାବ୍ଦୀ ମଧ୍ୟରେ ଶ୍ରୀ ରାମ କଲେଜ ଅଫ୍ କମର୍ସର ଐତିହାସିକ ସଫଳତା ଦେଶ ତଥା ଶିକ୍ଷା ଜଗତ ପାଇଁ ଗର୍ବର ବିଷୟ ଅଟେ। ଦରିଆଗଞ୍ଜର ଏକ ସାଧାରଣ ପ୍ରତିଷ୍ଠାନରୁ ଏକ ବିଶାଳ ଶିକ୍ଷାନୁଷ୍ଠାନରେ ପରିଣତ ହେବା ପର୍ଯ୍ୟନ୍ତ କଲେଜର ଚମତ୍କାର ବିକାଶ ଯାତ୍ରାକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ଅନେକ ପିଢ଼ିକୁ ଗଢ଼ି ତୋଳିଛି। ସେ ଏହି ଅନୁଷ୍ଠାନର ନାମ ସହିତ ଜଡ଼ିତ ଅତୁଳନୀୟ ଗର୍ବ ଓ ଗୌରବକୁ ସ୍ୱୀକାର କରିଥିଲେ। "ଆଜି ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏସଆରସିସିର ଛାତ୍ର ବୋଲି କହିବା ନିଜେ ଏକ ଗର୍ବର ବିଷୟ ଅଟେ।"

କଲେଜର ସମୃଦ୍ଧ ଐତିହ୍ୟର ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦୀ ଏସଆରସିସିର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତ ପଥପ୍ରଦର୍ଶକ ବୋଲି ଅଭିହିତ କରିଥିଲେ, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଏହି ଅନୁଷ୍ଠାନକୁ ବିଶ୍ୱସ୍ତରରେ ଉନ୍ନୀତ କରିଛନ୍ତି। ସ୍ୱର୍ଗତ ଅରୁଣ ଜେଟଲୀ ଏବଂ ସଞ୍ଜୀବ ସାନ୍ୟାଲଙ୍କ ଭଳି ବିଶିଷ୍ଟ ପୁରାତନ ଛାତ୍ରଙ୍କ ସହ କାର୍ଯ୍ୟ କରିବାର ବ୍ୟକ୍ତିଗତ ଅନୁଭୂତିକୁ ମନେ ପକାଇ ସେ କହିଥିଲେ ଯେ ଏହି କଲେଜର ସ୍ନାତକମାନେ କଳାକାର, ରାଜନେତା ଏବଂ ବିଚାରପତି ଭାବରେ ଦେଶର ସେବା କରୁଛନ୍ତି।

ଅତୀତର ଆହ୍ୱାନ ଏବଂ ବର୍ତ୍ତମାନର ସଫଳତା ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ ଆତଙ୍କବାଦକୁ ପରାସ୍ତ କରାଯାଇଛି ଏବଂ ସଶସ୍ତ୍ର ବାହିନୀ ବର୍ତ୍ତମାନ ଶତ୍ରୁର ଭୂ-ଭାଗ ଭିତରକୁ ଯାଇ ନିର୍ଣ୍ଣାୟକ ଆକ୍ରମଣ କରୁଛନ୍ତି। ଜାମ୍ମୁ - କାଶ୍ମୀରରୁ ନେଇ ଉତ୍ତର-ପୂର୍ବ ଭାରତ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା କରାଯାଇଛି। ଭାରତର ନୀତିଗତ ଗତିଶୀଳତା ଏବଂ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ଏହାର ସ୍ଥିତିକୁ ବର୍ତ୍ତମାନ ସମଗ୍ର ବିଶ୍ୱ ପ୍ରଶଂସା କରୁଛି। ପଶ୍ଚିମ ଏସିଆରେ ସଂଘର୍ଷ ଏବଂ ବିଶ୍ୱ ବାଣିଜ୍ୟରେ ବାଧାବିଘ୍ନ ସତ୍ତ୍ୱେ ୭.୮ ପ୍ରତିଶତର ତ୍ରୈମାସିକ ଅଭିବୃଦ୍ଧି ହାର ହାସଲ କରିବା ଭାରତର

ଆମଦାନୀକାରୀରୁ ରପ୍ତାନିକାରୀ...

'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ସଫଳତା ଦେଶକୁ ଏକ ପ୍ରମୁଖ ଆମଦାନୀକାରୀରୁ ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ରପ୍ତାନିକାରୀରେ ରୂପାନ୍ତରିତ କରିଛି। ସ୍ମାର୍ଟଫୋନ୍ ରପ୍ତାନି ୨.୫ ଲକ୍ଷ କୋଟି ଟଙ୍କାର ସୀମା ଅତିକ୍ରମ କରିଥିବାବେଳେ, ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ରେକର୍ଡ ସ୍ତରରେ ପହଞ୍ଚିଛି। ୨୦୧୩ - ୧୪ ମସିହାରେ ମାତ୍ର ୬୦୦ - ୭୦୦ କୋଟି ଟଙ୍କା ଥିବା ପ୍ରତିରକ୍ଷା ରପ୍ତାନି ବର୍ତ୍ତମାନ ବୃଦ୍ଧି ପାଇ ୪୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି।

ଦୃଢ଼ ଏବଂ ଅଟଳ ସଂକଳ୍ପ...

ଯୁବବର୍ଗ ଏବଂ ଦେଶର ୧୪୦ କୋଟି ନାଗରିକଙ୍କ କ୍ଷମତା ଉପରେ ଅଟଳ ବିଶ୍ୱାସ ପ୍ରକଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସମୃଦ୍ଧ, ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ପାଇଁ ଏକ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ଭବିଷ୍ୟତ ପାଇଁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଉପରେ ଆଲୋକପାତ କରି ସେ ଭାରତକୁ କୃଷିଜାତ ଦ୍ରବ୍ୟ ରପ୍ତାନିର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା, ନିଜସ୍ୱ ମହାକାଶ ଷ୍ଟେସନ୍ ସ୍ଥାପନ କରିବା ଏବଂ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ କରିବା ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି ମଧ୍ୟ କହିଥିଲେ, " ଏବଂ ଏଗୁଡ଼ିକ କେବଳ ଶବ୍ଦ ନୁହେଁ ; ଏଗୁଡ଼ିକ ଆମର ଦୃଢ଼ ଏବଂ ଅଟଳ ସଂକଳ୍ପ।"



ମେଟ୍ରୋ ଯାତ୍ରା କରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏସଆରସିସିର ଶତବାର୍ଷିକୀ ଉତ୍ସବରେ ପହଞ୍ଚିଥିଲେ ଏବଂ ପିଲାମାନଙ୍କ ସହ ମତ ବିନିମୟ କରିଥିଲେ।

ବିଶ୍ୱର ନେତୃତ୍ୱ ନେଉଛନ୍ତି ଭାରତୀୟ...

ଏହା ୨୧ତମ ଶତାବ୍ଦୀର ଯୁବପିଢ଼ିର ମହତ୍ୱାକାଂକ୍ଷୀ ମାନସିକତାର ଫଳ ହେଉଛି ଦେଶର ଯୁବକମାନେ ଷ୍ଟାର୍ଟଅପ୍ ଏବଂ ୟୁନିକର୍ଣ୍ଣ ଭଳି କ୍ଷେତ୍ରରେ ବିଶ୍ୱସ୍ତରୀୟ ନେତୃତ୍ୱ ଆଡ଼କୁ ଅଗ୍ରସର ହେଉଛନ୍ତି। ପୂର୍ବ ପିଢ଼ି ତୁଳନାରେ ଆଜିର ଯୁବପିଢ଼ିଙ୍କୁ ଆହୁରି ବଡ଼ ସ୍ୱପ୍ନ ଦେଖିବା ଉଚିତ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, "ଆଜି ଯେତେବେଳେ ଭାରତୀୟମାନେ ବିଶ୍ୱର ବୃହତ କର୍ପୋରେଟ୍ କମ୍ପାନୀଗୁଡ଼ିକର ନେତୃତ୍ୱ ନେଉଛନ୍ତି, ସେତେବେଳେ ଭାରତୀୟଙ୍କ ଦ୍ୱାରା ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ କାହିଁକି ସମଗ୍ର ବିଶ୍ୱର ନେତୃତ୍ୱ ନେଇପାରିବେ ନାହିଁ?"

ମୋର ଦୃଢ଼ ବିଶ୍ୱାସ ଯେ ଆମେ ସମସ୍ତେ - ୧୪୦ କୋଟି ଭାରତୀୟ - ମିଳିତ ଭାବେ ଆମ ଦେଶକୁ ଉଭୟ୍ ବିକଶିତ ଏବଂ ଆତ୍ମନିର୍ଭରଶୀଳ କରି ଗଢ଼ି ତୋଳିବା। ମୁଁ ସେଭଳି ବ୍ୟକ୍ତି ନୁହେଁ ଯିଏ ଛୋଟ କିମ୍ବା ସହଜ ଲକ୍ଷ୍ୟରେ ସନ୍ତୁଷ୍ଟ ହୋଇଯାଏ। ମୁଁ ଦେଶ ପାଇଁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ସ୍ଥିର କରେ ଏବଂ ସେଗୁଡ଼ିକୁ ହାସଲ କରିବା ପାଇଁ ନିଜର ସର୍ବସ୍ୱ ଉତ୍ସର୍ଗ କରେ।

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ଅନ୍ତର୍ନିହିତ ଶକ୍ତିକୁ ପ୍ରମାଣିତ କରୁଛି।

ତଥ୍ୟ ମାଧ୍ୟମରେ ସମାଲୋଚକଙ୍କ ମୁହଁ ବନ୍ଦ କରିବା

ସମାଲୋଚକମାନଙ୍କୁ ଜବାବ ଦେବା ପାଇଁ ଠୋସ୍ ଅର୍ଥନୈତିକ ତଥ୍ୟ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ୍ ଓ ଜୁନ୍ ମାସ ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନରେ ୯ ପ୍ରତିଶତ ବୃଦ୍ଧି ଏବଂ ମୋଟ୍ ଯାନବାହନ ବିକ୍ରିରେ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି (ଯେଉଁଥିରେ ଦୁଇ-ଚକିଆ ଯାନରେ ୨୦ ପ୍ରତିଶତ ଏବଂ ତିନି-ଚକିଆ ଯାନରେ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ଅନ୍ତର୍ଭୁକ୍ତ) ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଯୁକ୍ତି ବାଢ଼ିଥିଲେ ଯେ, ଇସ୍ପାତ ଓ ସିମେଣ୍ଟ ବ୍ୟବହାରରେ ୮ ପ୍ରତିଶତ ଅଭିବୃଦ୍ଧି ନିର୍ମାଣ, ଗୃହ ନିର୍ମାଣ ଏବଂ ବାଣିଜ୍ୟିକ କାର୍ଯ୍ୟକଳାପର ଦ୍ରୁତ ସମ୍ପ୍ରସାରଣକୁ ସୂଚିତ କରୁଛି। ୨୦୧୪ ମସିହା ମାର୍ଚ୍ଚ ମାସ ସୁଦ୍ଧା ଯେଉଁଠାରେ ଅଧାରୁ ଅଧିକ ଜନସଂଖ୍ୟାଙ୍କ ପାଖରେ ବ୍ୟାଙ୍କ ଖାତା ନଥିଲା, ସେଠାରେ ବର୍ତ୍ତମାନ 'ଜନ - ଧନ ଯୋଜନା' ମାଧ୍ୟମରେ ପ୍ରାୟ ୬୦ କୋଟି ନାଗରିକଙ୍କୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହିତ ଯୋଡ଼ା ଯାଇପାରିଛି।

Scan the QR code to watch PM Modi's full program.

BRICS 2026

ଭାରତର ନେତୃତ୍ୱରେ

ମାନବିକତାର ଏକ ଆଲୋକବର୍ତ୍ତିକା



ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ
ଦେଖିବା ପାଇଁ କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ।

ଆରମ୍ଭରୁ ହିଁ ଭାରତ ବ୍ରିକ୍ସ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି ଏବଂ ଆଜି ପୃଥିବୀର ପ୍ରତି ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବ୍ରିକ୍ସ ରାଷ୍ଟ୍ରରେ ବାସ କରନ୍ତି। ଏହି ଗୋଷ୍ଠୀ ବିଶ୍ୱ ଜନସଂଖ୍ୟାର ପ୍ରାୟ ୫୦ ପ୍ରତିଶତ, ବିଶ୍ୱ ଜିଡିପିର ୪୦ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ୨୫ ପ୍ରତିଶତରୁ ଅଧିକ ଅଂଶକୁ ପ୍ରତିନିଧିତ୍ୱ କରେ। ଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱ ଅର୍ଥନୀତି ଯେଉଁଠାରେ ଅଢ଼େଇ ଗୁଣ ବୃଦ୍ଧି ପାଇଛି, ସେଠାରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ମିଳିତ ଜିଡିପି ସାଢ଼େ ଚାରି ଗୁଣ ବୃଦ୍ଧି ପାଇଛି। ୧୨ - ୧୩ ସେପ୍ଟେମ୍ବର ୨୦୨୬ରେ ନୂଆଦିଲ୍ଲୀର 'ଭାରତ ମଣ୍ଡପମ୍' ରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଏହି ଯାତ୍ରାର ଦୁଇ ଦଶନ୍ଧି ପୂର୍ତ୍ତିକୁ ପାଳନ କରିଥିଲା। ୨୦୨୬ ରେ ଚତୁର୍ଥ ଥର ପାଇଁ ଅଧ୍ୟକ୍ଷତା କରି ଭାରତ ଏକ ନୂତନ ବିଷୟବସ୍ତୁ: "ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ସହନଶୀଳତା ଓ ନବସୃଜନର ବିକାଶ" ଉପସ୍ଥାପନ କରିଥିଲା। ଏହି ମନ୍ତ୍ର ଗତ ୧୨ ବର୍ଷ ଧରି ଭାରତର ଅର୍ଥନୈତିକ ନୀତିର ମୂଳଦୁଆ ହୋଇ ରହିଆସିଛି। ବୃଦ୍ଧି ପାଉଥିବା ବାଣିଜ୍ୟିକ ପ୍ରତିବନ୍ଧକ ମଧ୍ୟରେ ଭାରତ ଏକ ଅର୍ଥନୈତିକ ସେତୁ ଏବଂ ବିଶ୍ୱାସର ପ୍ରତୀକ ଭାବରେ ଉଭା ହୋଇଛି। ଏହା ସହିତ, "ନୂଆଦିଲ୍ଲୀ ଘୋଷଣାନାମା" ମାଧ୍ୟମରେ ଏହା ବ୍ରିକ୍ସକୁ ଏକ ନୂତନ, ଅଧିକ ପ୍ରଭାବଶାଳୀ ଏବଂ ମାନବ-କେନ୍ଦ୍ରିକ ଦିଗ ଆଡ଼କୁ ପରିଚାଳିତ କରିଛି।





ଆଜି, ବିଶ୍ୱସ୍ତରୀୟ ଅନିଶ୍ଚିତତା ମଧ୍ୟରେ ଏକ "ନୂତନ ଭାରତ" ବିକାଶ ଓ ସ୍ଥିରତାର ପ୍ରତିଶ୍ରୁତି ପ୍ରଦାନ କରୁଛି। ଯେତେବେଳେ ସମଗ୍ର ବିଶ୍ୱରେ ବାଣିଜ୍ୟିକ ପ୍ରତିବନ୍ଧକଗୁଡ଼ିକ ଏକ ଆହ୍ୱାନ ପାଲଟିଛି, ସେତେବେଳେ ଭାରତ ଅର୍ଥନୈତିକ ସେତୁ ନିର୍ମାଣ କରୁଛି। ମିଳିତ ଜାତିସଂଘ, ଜି୨୦ କିମ୍ବା ଅନ୍ୟାନ୍ୟ ପ୍ରଭାବଶାଳୀ ଗୋଷ୍ଠୀ ହେଉ— ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକର ଅଧ୍ୟକ୍ଷତା କରିବା ସହିତ ଭାରତ 'ବସୁଧୈବ କୁଟୁମ୍ବକମ୍' ଭାବନା ଦ୍ୱାରା ପରିଚାଳିତ ହୋଇ ବିଶ୍ୱକୁ ଗଢ଼ିବା ସହ ଏକ ନୂତନ ପଥ ପ୍ରସ୍ତୁତ କରୁଛି। ଏହି ପରିପ୍ରେକ୍ଷୀରେ, ବ୍ରିକ୍ସ ୨୦୨୬ ର ଅଧ୍ୟକ୍ଷତା ଗ୍ରହଣ କରି ଭାରତ ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି : ଯଦି ଆମର ଭବିଷ୍ୟତ ମିଳିତ ଅଟେ, ତେବେ ସେହି ଭବିଷ୍ୟତକୁ ଗଢ଼ିବାର ଅଧିକାର ମଧ୍ୟ ସମସ୍ତଙ୍କର ହେବା ଉଚିତ୍। ଏହା ଭାରତର ଦୂରଦୃଷ୍ଟିର ଫଳ ଯେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ବର୍ତ୍ତମାନ ବିଶ୍ୱସ୍ତରୀୟ ନବସୃଜନ ଏବଂ ସମାଧାନର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଉଭା ହେଉଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ - ୨୦୨୬ ବିଶ୍ୱକୁ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ପାଇଁ ଏକ ମାନବ-କେନ୍ଦ୍ରିକ ଦୃଷ୍ଟିକୋଣ ପ୍ରଦାନ କରିଛି। ଯେତେବେଳେ ବିଶ୍ୱ ବିଭିନ୍ନ କ୍ଷେତ୍ରରେ ଆହ୍ୱାନର ସମ୍ମୁଖୀନ ହେଉଛି — ତାହା ଜଳବାୟୁ ସଙ୍କଟ ହେଉ, ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ହେଉ କିମ୍ବା ବହୁପକ୍ଷୀୟ ସଂସ୍ଥାଗୁଡ଼ିକର ମଞ୍ଚର କାର୍ଯ୍ୟକଳାପ ହେଉ, ସେତେବେଳେ ବ୍ରିକ୍ସ ଭଳି ଏକ ମଞ୍ଚର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଉଠେ। ବିଶ୍ୱ ଜନସଂଖ୍ୟାର ପ୍ରାୟ ଅଧା ଏବଂ ବିଶ୍ୱ ଜିଡିପି ର ୪୦ ପ୍ରତିଶତର ପ୍ରତିନିଧିତ୍ୱ କରୁଥିବା ଏହି ଗୋଷ୍ଠୀ ବର୍ତ୍ତମାନ କେବଳ ଅର୍ଥନୈତିକ ଆଲୋଚନା ମଧ୍ୟରେ ସୀମିତ ହୋଇ ରହିନାହିଁ। ବରଂ ଏହା ବିଶ୍ୱ ଶାସନ ବ୍ୟବସ୍ଥାର ସଂସ୍କାର

> **India has fostered friendship, partnership, and cooperation through the BRICS platform. We have endeavored to ensure that BRICS cooperation is not limited to governments alone; we want our entrepreneurs, farmers, researchers, women, youth, and ordinary citizens to become active participants as well.**
>
> *Narendra Modi, Prime Minister*

ଠାରୁ ଆରମ୍ଭ କରି ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜଳବାୟୁ ସମ୍ବନ୍ଧୀୟ ପଦକ୍ଷେପ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଦୃଢ଼ ଓ ନିର୍ଣ୍ଣାୟକ ପଦକ୍ଷେପ ନେବାରେ ନେତୃତ୍ୱ ନେଉଛି। ଭାରତ ବ୍ରିକ୍ସ -ର ଏକ ପ୍ରତିଷ୍ଠାତା ସଦସ୍ୟ ଏବଂ ଏପର୍ଯ୍ୟନ୍ତ ଚାରିଥର (୨୦୧୨, ୨୦୧୬, ୨୦୨୧ ଓ ୨୦୨୬ ମସିହାରେ) ଏହାର ଅଧ୍ୟକ୍ଷତା କରିଛି। ପ୍ରତ୍ୟେକ ଅଧ୍ୟକ୍ଷତା କାଳରେ ଭାରତ ଏହି ମଞ୍ଚକୁ ଏକ ନୂତନ ଦିଗ ପ୍ରଦାନ କରିଛି।

୨୦୨୬ ମସିହାରେ ନିଜର ଅଧ୍ୟକ୍ଷତା ପାଇଁ ଭାରତ ଚାରୋଟି ସ୍ତମ୍ଭ ସ୍ଥିର କରିଛି : ସ୍ଥିରତା , ନବସୃଜନ, ସହଯୋଗ ଏବଂ ନିରନ୍ତରତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୫ ମସିହାରେ ବ୍ରାଜିଲର ରିଓ ଡି ଜେନେରୋ ଠାରେ ଅନୁଷ୍ଠିତ ୧୭ତମ ବ୍ରିକ୍ସ ସମ୍ମିଳନୀ ସମୟରେ ଏହି

ବ୍ରିକ୍ସ : ବିଶ୍ୱର ଅଧା ଅଂଶ, ଶକ୍ତିର ଚାଳିଶ ପ୍ରତିଶତ

ସଦସ୍ୟ ଦେଶ	୧୧ (ବ୍ରାଜିଲ, ରଷିଆ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ)
ବ୍ରିକ୍ସ ସଦସ୍ୟ + ଅଂଶୀଦାର ଦେଶ (ମୋଟ ଗୋଷ୍ଠୀ)	୨୧ଟି ଦେଶ
ବିଶ୍ୱ ଜନସଂଖ୍ୟାର ଅଂଶ	ପ୍ରାୟ ୫୦%
ବିଶ୍ୱ ଜିଡିପିର ଅଂଶ	ପ୍ରାୟ ୪୦%
ବିଶ୍ୱ ବାଣିଜ୍ୟର ଅଂଶ	ପ୍ରାୟ ୨୫%
ଗତ ୨୦ ବର୍ଷ ମଧ୍ୟରେ ବିଶ୍ୱ ଜିଡିପି ଅଭିବୃଦ୍ଧି	ପ୍ରାୟ ୨.୫ ଗୁଣ
ସମାନ ଅବଧି ମଧ୍ୟରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ମିଳିତ ଜିଡିପି ଅଭିବୃଦ୍ଧି	ପ୍ରାୟ ୪.୫ ଗୁଣ
ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ/କାର୍ଯ୍ୟକ୍ରମ	୪୦୦ରୁ ଅଧିକ
ଏହି ବୈଠକଗୁଡ଼ିକ ଆୟୋଜନ କରୁଥିବା ଭାରତୀୟ ସହର	୩୦ରୁ ଅଧିକ
ବ୍ରିକ୍ସ ୱିମେନ୍ ବିଜନେସ୍ ଆଲାଏନ୍ସ ବୈଠକରେ ଅଂଶଗ୍ରହଣ କରୁଥିବା ମହିଳା ବ୍ୟବସାୟୀ ନେତୃବୃନ୍ଦ (ଭାରତ, ୨୦୨୬)	ପ୍ରାୟ ୨୦୦

ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ ; ଏହି ଦୃଷ୍ଟିକୋଣ 'ଲୋକ-କେନ୍ଦ୍ରିକ' ଏବଂ 'ମାନବିକତାକୁ ପ୍ରାଥମିକତା' ଦେବା ଉପରେ ଆଧାରିତ। ଭାରତ ନିଜ ଅଧ୍ୟକ୍ଷତା କାଳରେ ଏହି ଦୂରଦୃଷ୍ଟିକୁ ବାସ୍ତବ କାର୍ଯ୍ୟକ୍ରମରେ ପରିଣତ କରିଥିଲା। ଏଥିରେ ଅର୍ଥନୈତିକ ଓ ସାମାଜିକ ସ୍ଥିରତା ତଥା ସାମର୍ଥ୍ୟ ବୃଦ୍ଧି କରିବା ଠାରୁ ଆରମ୍ଭ କରି ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଓ କୃତ୍ରିମ ବୁଦ୍ଧିମତ୍ତା ଭଳି ନୂତନ ପ୍ରଯୁକ୍ତିବିଦ୍ୟାର ଆଦାନପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭାରତର ଅଧ୍ୟକ୍ଷତା ପାଇଁ ପ୍ରସ୍ତୁତ 'ବ୍ରିକ୍ସ ଇଣ୍ଡିଆ ୨୦୨୬' ଲୋଗୋ ଏହି ଭାବନାକୁ ପ୍ରତିଫଳିତ କରେ। ଏହାର ପାଖୁଡ଼ାଗୁଡ଼ିକ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଜୀବନ୍ତ ରଙ୍ଗକୁ ପ୍ରଦର୍ଶିତ କରି ସେମାନଙ୍କ ସାମୂହିକ ଶକ୍ତି ଓ ଏକତାକୁ ଦର୍ଶାଏ। କେନ୍ଦ୍ରଭାଗରେ ଥିବା ସୁନ୍ଦର 'ନମସ୍ତେ' ମୁଦ୍ରା ଭାରତର ଆପଣାପଣ, ସମ୍ମାନ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଯୋଗର ଚିରନ୍ତନ ଭାବନାକୁ ପ୍ରକାଶ କରେ। ଏହି ଦୃଶ୍ୟମାନ ପରିଚୟ ସହିତ ବ୍ରିକ୍ସ ର ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟ ଜଡ଼ିତ ରହିଛି—ରାଜନୈତିକ ଓ ସୁରକ୍ଷା ସହଯୋଗ, ଅର୍ଥନୈତିକ ଓ ଆର୍ଥିକ ଭାଗୀଦାରୀ ତଥା ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ଆଦାନପ୍ରଦାନ।



ଏଗାରଟି ରାଷ୍ଟ୍ର, ଗୋଟିଏ ମଞ୍ଚ... ବ୍ରିକ୍ସ କିପରି ଗଠିତ ହେଲା

ବ୍ରିକ୍ସ ହେଉଛି ବିଶ୍ୱର ପ୍ରମୁଖ ଉଦୀୟମାନ ବଜାର ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ନେଇ ଗଠିତ ଏକ ଗୋଷ୍ଠୀ। ଏହାର ସଦସ୍ୟମାନଙ୍କ ମଧ୍ୟରେ ବ୍ରାଜିଲ୍, ରଷିଆ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଅନ୍ତର୍ଭୁକ୍ତ। ଏହି ଗୋଷ୍ଠୀ ବିଶ୍ୱସ୍ତରୀୟ ତଥା ଆଞ୍ଚଳିକ ଗୁରୁତ୍ୱ ବହନ କରୁଥିବା ସାମ୍ପ୍ରତିକ ପ୍ରସଙ୍ଗଗୁଡ଼ିକ ଉପରେ ପରାମର୍ଶ ଓ ସହଯୋଗ ପାଇଁ ଏକ ସଶକ୍ତ ମଞ୍ଚ ଭାବରେ କାର୍ଯ୍ୟ କରେ। ୨୦୦୬ ମସିହାରେ



ନ୍ୟୁୟର୍କଠାରେ ଅନୁଷ୍ଠିତ ମିଳିତ ଜାତିସଂଘ ସାଧାରଣ ସଭା (ୟୁଏନଜିଏ) ସମୟରେ ବ୍ରିକ୍ ବୈଦେଶିକ ମନ୍ତ୍ରୀମାନଙ୍କର ପ୍ରଥମ ବୈଠକରେ ଏହି ମଞ୍ଚର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତଥାପି, 'BRIC' ଶବ୍ଦଟି ଏହା ପୂର୍ବରୁ, ଅର୍ଥାତ୍ ୨୦୦୧ ମସିହାରେ ଗୋଲ୍ଡମ୍ୟାନ୍ ସାକ୍ସ ଦ୍ୱାରା ଏହାର 'The World Needs Better Economic ବ୍ରିକ୍ସ ' (ବିଶ୍ୱକୁ ଉତ୍ତମ ଅର୍ଥନୈତିକ ବ୍ରିକ୍ ଆବଶ୍ୟକ) ଶୀର୍ଷକ ବିଶ୍ୱ ଅର୍ଥନୀତି ସମ୍ବନ୍ଧୀୟ ରିପୋର୍ଟରେ ପ୍ରଥମେ ବ୍ୟବହାର କରାଯାଇଥିଲା। ଅର୍ଥନୈତିକ ପରିସଂଖ୍ୟାନ ବିଶ୍ଳେଷଣ ଉପରେ ଆଧାରିତ ଏହି ଗବେଷଣା ସନ୍ଦର୍ଭରେ ପୂର୍ବାନୁମାନ କରାଯାଇଥିଲା ଯେ ଆଗାମୀ ପାଞ୍ଚ ଦଶନ୍ଧି ମଧ୍ୟରେ ବ୍ରାଜିଲ୍, ରଷିଆ, ଭାରତ ଏବଂ ଚୀନ୍ ବିଶ୍ୱର ସର୍ବବୃହତ ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବେ। ଏହି ଦେଶଗୁଡ଼ିକର ବୃଦ୍ଧି ପାଉଥିବା ଅର୍ଥନୈତିକ ଶକ୍ତି ଏବଂ ତିନୋଟି ମହାଦେଶ ବ୍ୟାପୀ ସେମାନଙ୍କର ବିଶାଳ ଭୌଗୋଳିକ ପରିସର ସେମାନଙ୍କର ଉଦୀୟମାନ ବିଶ୍ୱସ୍ତରୀୟ ଗୁରୁତ୍ୱକୁ ସୂଚିତ କରୁଥିଲା। ପରବର୍ତ୍ତୀ ସମୟରେ, BRICର ଧାରଣା ଏକ ଆନୁଷ୍ଠାନିକ ଗୋଷ୍ଠୀରେ ପରିଣତ ହେଲା। ୨୦୦୬ରେ ଏହାର ପ୍ରାରମ୍ଭିକ ଗଠନର ତିନି ବର୍ଷ ପରେ, ୨୦୦୯ ମସିହାରେ ରଷିଆର ୟେକାଟେରିନବର୍ଗ ଠାରେ ଏହାର ପ୍ରଥମ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୨୦୧୦ ମସିହାରେ ଦକ୍ଷିଣ ଆଫ୍ରିକାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସହମତି ପ୍ରକାଶ ପାଇଥିଲା ଏବଂ ଦକ୍ଷିଣ ଆଫ୍ରିକାର ଯୋଗଦାନ ପରେ, ୨୦୧୧ ସାନ୍ୟା ସମ୍ମିଳନୀରେ ଏହି ଗୋଷ୍ଠୀ ଆନୁଷ୍ଠାନିକ ଭାବେ 'ବ୍ରିକ୍ସ ' ରେ ପରିଣତ ହୋଇଥିଲା।

> **ବିଶ୍ୱସ୍ତରରେ ଯେତେବେଳେ ବାଣିଜ୍ୟିକ ପ୍ରତିବନ୍ଧକ ବୃଦ୍ଧି ପାଉଛି, ସେତେବେଳେ ଭାରତ ଅର୍ଥନୈତିକ ସେତୁ ନିର୍ମାଣ କରୁଛି । ୨୦୧୪ ମସିହାରୁ ଆମେ ପ୍ରାୟ୍ ୪୦ଟି ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛୁ । ବ୍ରିକ୍ସ ମଧ୍ୟରେ ଆମର ଦୃଷ୍ଟିକୋଣ ସମାନ ରହିଛି: ପ୍ରତିବନ୍ଧକ ହ୍ରାସ କରିବା ଏବଂ ବ୍ୟବସାୟିକ ସୁଯୋଗର ସମ୍ପ୍ରସାରଣ କରିବା ।**
>
> *ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ*

ଗତ ତିନି ବର୍ଷ ମଧ୍ୟରେ, ଏହି ପରିବାର ଦ୍ରୁତ ଗତିରେ ବିସ୍ତାରିତ ହୋଇଛି। ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ସଂଯୁକ୍ତ

ସମୟର ଅବଧି : ଏକ କୋଡ଼ିଏ ବର୍ଷିଆ ଯାତ୍ରା
ଭାରତର ଚାରି ଥର ଅଧ୍ୟକ୍ଷତା (୨୦୦୬ - ୨୦୨୬)

୨୦୦୬	BRICର ପ୍ରତିଷ୍ଠା	ନ୍ୟୁୟର୍କରେ ମିଳିତ ଜାତିସଂଘ ସାଧାରଣ ସଭା ଅବସରରେ ପ୍ରଥମ BRIC ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ।
୨୦୦୯	ପ୍ରଥମ ସମ୍ମିଳନୀ	ରଷିଆର ୟେକାଟେରିନବର୍ଗ ଠାରେ ଅନୁଷ୍ଠିତ।
୨୦୧୧	ବ୍ରିକ୍ସ ର ଉଦ୍ଭବ	ଦକ୍ଷିଣ ଆଫ୍ରିକାର ଅନ୍ତର୍ଭୁକ୍ତି ସହିତ 'BRIC' ରୁ 'ବ୍ରିକ୍ସ ' ରେ ପରିଣତ (ସାନ୍ୟା ସମ୍ମିଳନୀ)।
୨୦୧୨	ଭାରତର ପ୍ରଥମ ଅଧ୍ୟକ୍ଷତା	ଚତୁର୍ଥ ସମ୍ମିଳନୀ, ନୂଆଦିଲ୍ଲୀ – ବିଷୟବସ୍ତୁ : 'ବିଶ୍ୱ ସ୍ଥିରତା, ସୁରକ୍ଷା ଏବଂ ସମୃଦ୍ଧି ପାଇଁ ବ୍ରିକ୍ସ ଭାଗୀଦାରୀ'; ଦିଲ୍ଲୀ ଘୋଷଣାନାମା ଗୃହୀତ।
୨୦୧୬	ଭାରତର ଦ୍ୱିତୀୟ ଅଧ୍ୟକ୍ଷତା	ଅଷ୍ଟମ ସମ୍ମିଳନୀ, ଗୋଆ - ବିଷୟବସ୍ତୁ: 'ପ୍ରତିକ୍ରିୟାଶୀଳ, ଅନ୍ତର୍ଭୁକ୍ତୀକରଣ ଏବଂ ସାମୂହିକ ସମାଧାନର ନିର୍ମାଣ'; ଗୋଆ ଘୋଷଣାନାମା ଏବଂ ବିମଷ୍ଟେକ୍ ଆଉଟରିଚ୍ (ସହଯୋଗ ପ୍ରସାର)।
୨୦୧୯	ଭାରତର ତୃତୀୟ ଅଧ୍ୟକ୍ଷତା	ତ୍ରୟୋଦଶ ସମ୍ମିଳନୀ, ନୂଆଦିଲ୍ଲୀ - ବିଷୟବସ୍ତୁ: 'ବ୍ରିକ୍ସ @୧୫ : ନିରନ୍ତରତା, ସୁଦୃଢ଼ୀକରଣ ଏବଂ ସହମତି ପାଇଁ ବ୍ରିକ୍ସ ମଧ୍ୟରେ ସହଯୋଗ'; ନୂଆଦିଲ୍ଲୀ ଘୋଷଣାନାମା।।
୨୦୨୪	ସମ୍ପ୍ରସାରଣର ପ୍ରଥମ ପର୍ଯ୍ୟାୟ	ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ପୂର୍ଣ୍ଣ ସଦସ୍ୟ ହେଲେ।
୨୦୨୫	ସମ୍ପ୍ରସାରଣର ଦ୍ୱିତୀୟ ପର୍ଯ୍ୟାୟ	ଇଣ୍ଡୋନେସିଆ ପୂର୍ଣ୍ଣ ସଦସ୍ୟ ହେଲା; ୧୦ଟି ରାଷ୍ଟ୍ର ଅଂଶୀଦାର ଦେଶ ଭାବେ ଯୋଗଦେଲେ; ରିଓ ଡି ଜେନେରୋରେ ୧୭ତମ ଶିଖର ସମ୍ମିଳନୀ ଅନୁଷ୍ଠିତ ହେଲା।।
୨୦୨୬	ଭାରତର ଚତୁର୍ଥ ଅଧ୍ୟକ୍ଷତା (ବ୍ରିକ୍ସର ୨୦ତମ ବାର୍ଷିକୀ)	ନୂଆଦିଲ୍ଲୀରେ ୧୮ତମ ଶିଖର ସମ୍ମିଳନୀ – ବିଷୟବସ୍ତୁ: 'ସ୍ଥାୟୀତ୍ୱ, ନବସୃଜନ, ସହଯୋଗ ଏବଂ ନିରନ୍ତର ବିକାଶ ପାଇଁ ନିର୍ମାଣ'; ନୂଆଦିଲ୍ଲୀ ଘୋଷଣାନାମା (୧୪୦ଟି ଅନୁଚ୍ଛେଦ ବିଶିଷ୍ଟ) ଗୃହୀତ ହେଲା।।
୨୦୨୭	ଆଗାମୀ ଅଧ୍ୟକ୍ଷତା	ଚୀନ୍‌କୁ ଅଧ୍ୟକ୍ଷତା ଦାୟିତ୍ୱ ପ୍ରଦାନ କରାଯାଇଛି ଏବଂ ଏହା ୧୯ତମ ଶିଖର ସମ୍ମିଳନୀ ଆୟୋଜନ କରିବ।

ଆରବ ଏମିରେଟ୍ସ ଜାନୁଆରୀ ୨୦୨୪ରେ ପୂର୍ଣ୍ଣ ସଦସ୍ୟ ହୋଇଥିଲେ ଏବଂ ଜାନୁଆରୀ ୨୦୨୫ରେ ଇଣ୍ଡୋନେସିଆ ଏହି ତାଲିକାରେ ଯୋଗ ଦେଇଥିଲା। ସେହି ବର୍ଷ ବେଲାରୁଷ, ବୋଲିଭିଆ, କାଜାଖସ୍ତାନ, କ୍ୟୁବା, ମାଲେସିଆ, ନାଇଜେରିଆ, ଥାଇଲ୍ୟାଣ୍ଡ, ୟୁଗାଣ୍ଡା, ଉଜବେକିସ୍ତାନ ଏବଂ ଭିଏତନାମ ଅଂଶୀଦାର ଦେଶ ଭାବେ ବ୍ରିକ୍ସ ପରିବାରରେ ଯୋଗ ଦେଇଥିଲେ। ମୋଟ ଉପରେ କହିବାକୁ ଗଲେ, ଦୁଇ ଦଶନ୍ଧି ପୂର୍ବେ ମାତ୍ର ଚାରୋଟି ଦେଶକୁ ନେଇ ଆରମ୍ଭ ହୋଇଥିବା ଏହି ଗୋଷ୍ଠୀ ଆଜି ୨୧ଟି ଦେଶର ଏକ ବିଶାଳ ପରିବାରରେ ପରିଣତ ହୋଇଛି। ଏହି ସମ୍ପ୍ରସାରଣ ଉକ୍ତ ମଞ୍ଚର ବିଶ୍ୱସନୀୟତା, ଗୁରୁତ୍ୱ ଏବଂ ଆକର୍ଷଣକୁ ପ୍ରତିଫଳିତ କରେ।

ଭାରତ : ବିବାଦ ମଧ୍ୟରେ ଏକ ସେତୁ

୨୦୨୬ ମସିହା ଆରମ୍ଭ ବେଳକୁ ବିଶ୍ୱ ବିଭିନ୍ନ କ୍ଷେତ୍ରରେ ଉତ୍ତେଜନା ସହ ସଂଘର୍ଷ କରୁଥିଲା। ଗୋଟିଏ ପଟେ ପଶ୍ଚିମ ଏସିଆରେ ସଂଘର୍ଷ ଏବଂ ୟୁକ୍ରେନ୍-ରଷିଆ ମଧ୍ୟରେ ତିକ୍ତତା ଲାଗି ରହିଥିଲା ; ଅନ୍ୟପଟେ ବାଣିଜ୍ୟିକ ପ୍ରତିବନ୍ଧକ ବୃଦ୍ଧି ପାଉଥିଲା ଏବଂ ବହୁପକ୍ଷୀୟ ସଂସ୍ଥାଗୁଡ଼ିକ ଉପରେ ବିଶ୍ୱାସ କମିବାରେ ଲାଗିଥିଲା। ଏଭଳି ପରିସ୍ଥିତିରେ, ବିଭିନ୍ନ ସଭ୍ୟତା, ରାଜନୈତିକ ବ୍ୟବସ୍ଥା ଏବଂ ଅର୍ଥନୈତିକ ସ୍ୱାର୍ଥ ଥିବା ଦେଶଗୁଡ଼ିକୁ ଏକ ସହମତିରେ ପହଞ୍ଚିବା ପାଇଁ ଗୋଟିଏ ମଞ୍ଚରେ ଏକତ୍ରିତ କରିବା କୌଣସି





ସହଜ କାର୍ଯ୍ୟ ନଥିଲା। ଭାରତ ଏହି ଦାୟିତ୍ୱକୁ ଅତ୍ୟନ୍ତ ପ୍ରଶଂସନୀୟ ଭାବେ ସମ୍ପାଦନ କରିଥିଲା। ୧୮ତମ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ନିଜର ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ବ୍ରିକ୍ସ ଏକ "ପରିପକ୍ୱ" ର ପର୍ଯ୍ୟାୟରେ ପହଞ୍ଚିଛି। ଯେପରି ମଣିଷ ଜୀବନରେ କୋଡ଼ିଏ ବର୍ଷ ବୟସ ପରିପକ୍ୱତା ଓ ଦାୟିତ୍ୱବୋଧର ଏକ ନୂତନ ଅଧ୍ୟାୟର ଆରମ୍ଭକୁ ସୂଚିତ କରେ, ସେହିପରି ବ୍ରିକ୍ସ ବର୍ତ୍ତମାନ ଏପରି ଏକ ପର୍ଯ୍ୟାୟରେ ପ୍ରବେଶ କରିଛି ଯେଉଁଠାରେ ଆକାଂକ୍ଷା ସହିତ ଦାୟିତ୍ୱବୋଧର ସମନ୍ୱୟ ଘଟୁଛି। ସେ ବିଶେଷ ଭାବରେ ଗୁରୁତ୍ୱାରୋପ କରିଥିଲେ ଯେ ବ୍ରିକ୍ସ ର ଶକ୍ତି ଏହାର 'ଅନ୍ତର୍ଭୁକ୍ତୀକରଣ' ନୀତିରେ ନିହିତ — ଅର୍ଥାତ୍ କାହାରି ବିରୁଦ୍ଧରେ କାର୍ଯ୍ୟ କରିବା ପରିବର୍ତ୍ତେ ସମସ୍ତେ ମିଳିତ ଭାବେ ଆଗକୁ ବଢ଼ିବା। ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହମତି ଏବଂ ପାରସ୍ପରିକ ସମ୍ମାନ ମାଧ୍ୟମରେ ଅଗ୍ରଗତି କରନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଦୃଷ୍ଟିକୋଣ 'ନୂଆଦିଲ୍ଲୀ ଘୋଷଣାନାମା' ରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। ଏହି ଘୋଷଣାନାମାରେ ଆତଙ୍କବାଦ ବିରୁଦ୍ଧରେ ଦୃଢ଼ ଓ ସ୍ପଷ୍ଟ ଭାଷା ବ୍ୟବହାର କରାଯାଇଥିଲା—ଯେଉଁଥିରେ ଜାମ୍ମୁ-କଶ୍ମୀରର ପହଲଗାମରେ ଏପ୍ରିଲ୍ ୨୦୨୫ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଠୋର ନିନ୍ଦା କରାଯିବା ସହ "ଶୂନ୍ୟ ସହନଶୀଳତା" ନୀତି ଓ

> **"ଆମର ଭବିଷ୍ୟତ ସାଧାରଣ ଅଟେ ; ତେଣୁ ସେହି ଭବିଷ୍ୟତକୁ ଗଢ଼ିବାର ଅଧିକାର ମଧ୍ୟ ସମସ୍ତଙ୍କର ହେବା ଉଚିତ୍—ସ୍ୱର ଉତ୍ତୋଳନ କରିବା ଠାରୁ ଆରମ୍ଭ କରି ପ୍ରଭାବ ସୃଷ୍ଟି କରିବା ପର୍ଯ୍ୟନ୍ତ, ଏବଂ ସ୍ୱତନ୍ତ୍ର ସୁବିଧା ଠାରୁ ଆରମ୍ଭ କରି ଭାଗୀଦାରୀ ପର୍ଯ୍ୟନ୍ତ ।**
>
> *ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ*

ଦ୍ୱୈତ ମାନଦଣ୍ଡର ଅନ୍ତ ଘଟାଇବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହିତ, ଗାଜା, ଲେବାନନ୍, ସିରିଆ ଏବଂ ସୁଦାନ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସନ୍ତୁଳିତ ଭାଷା ବ୍ୟବହାର କରାଯାଇ ସମସ୍ତ ସଦସ୍ୟ ରାଷ୍ଟ୍ରର ବିଭିନ୍ନ ଜାତୀୟ ଦୃଷ୍ଟିକୋଣକୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଭିନ୍ନ ଭିନ୍ନ ସ୍ୱାର୍ଥ ଥିବା ରାଷ୍ଟ୍ରଗୁଡ଼ିକ ଏକ ମିଳିତ ଘୋଷଣାନାମା ଉପରେ ସହମତ ହେବା ଭାରତର କୂଟନୈତିକ ପରିପକ୍ୱତାର ଏକ ପ୍ରମାଣ ଥିଲା।

ରିଓ ଡି ଜେନେରୋ ଠାରେ ଅନୁଷ୍ଠିତ ସମ୍ମିଳନୀରେ ସମାନ ଭାବନା ବ୍ୟକ୍ତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ବିଂଶ ଶତାବ୍ଦୀରେ



ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ

- ୨୦୨୬ : ଭାରତ ନୂଆଦିଲ୍ଲୀସ୍ଥିତ 'ଭାରତ ମଣ୍ଡପମ୍' ଠାରେ ୧୨ - ୧୩ ସେପ୍ଟେମ୍ବରରେ ୧୮ତମ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରିଥିଲା। ଏହାର ବିଷୟବସ୍ତୁ ଥିଲା "ସ୍ଥିତିସ୍ଥାପକତା, ନବସୃଜନ, ସହଯୋଗ ଏବଂ ନିରନ୍ତର ବିକାଶ ପାଇଁ ନିର୍ମାଣ"। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "ମାନବିକତା ପ୍ରଥମ" ଏବଂ ଲୋକ - କେନ୍ଦ୍ରିକ ଦୃଷ୍ଟିକୋଣର ନୀତି ଉପରେ ଆଧାରିତ ଏହି ଦୃଷ୍ଟିକୋଣକୁ ୨୦୨୫ ରିଓ ସମ୍ମିଳନୀ ସମୟରେ ଉପସ୍ଥାପନ କରିଥିଲେ। ୨୦୨୬ ମସିହାରେ, ବ୍ରିକ୍ସର ପ୍ରତିଷ୍ଠାକୁ ୨୦ ବର୍ଷ ପୂରଣ ହୋଇଥିଲା।
- ଏହି ଘୋଷଣାନାମାରେ ୧୪୦ଟି ବିଷୟ ଅନ୍ତର୍ଭୁକ୍ତ ଥିଲା। ଏହାର ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର, ଆତଙ୍କବାଦ ବିରୁଦ୍ଧରେ ଦୃଢ଼ ଆଭିମୁଖ୍ୟ, ଅଭିବୃଦ୍ଧି ଓ ବିକାଶ ପାଇଁ ବ୍ରିକ୍ସ ଟାସ୍କ ଫୋର୍ସ, ବ୍ରିକ୍ସ କନେକ୍ଟ, ବ୍ରିକ୍ସ ଶସ୍ୟ ବିନିମୟ କେନ୍ଦ୍ର, ଜଳବାୟୁ ପରିବର୍ତ୍ତନ ଓ ପ୍ୟାରିସ୍ ଚୁକ୍ତିନାମା ଏବଂ 'ନ୍ୟୁ ଡେଭଲପମେଣ୍ଟ ବ୍ୟାଙ୍କ' ଅନ୍ତର୍ଭୁକ୍ତ ଥିଲା।

- ୨୦୨୧: ୧୩ତମ ବ୍ରିକ୍ସ ସମ୍ମିଳନୀ : ୧୩ତମ ବ୍ରିକ୍ସ ସମ୍ମିଳନୀ ୯ ସେପ୍ଟେମ୍ବର ୨୦୨୧ରେ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏହାର ବିଷୟବସ୍ତୁ ଥିଲା "ବ୍ରିକ୍ସ @୧୫ : ସହଯୋଗ ପାଇଁ ନିରନ୍ତରତା, ସୁଦୃଢ଼ୀକରଣ ଏବଂ ସହମତି।"
- ଏହି ଘୋଷଣାନାମାରେ ବହୁପାକ୍ଷିକ ବ୍ୟବସ୍ଥାରେ ସଂସ୍କାର, ଆତଙ୍କବାଦର ମୁକାବିଲା, 'ସ୍ଥାୟୀ ବିକାଶ ଲକ୍ଷ୍ୟ' ହାସଲ ପାଇଁ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭାରତ ବ୍ରିକ୍ସ ର କାର୍ଯ୍ୟ ପ୍ରଣାଳୀକୁ ସୁବ୍ୟବସ୍ଥିତ କରିଥିଲା ଏବଂ 'ଡିଜିଟାଲ୍ ସ୍ୱାସ୍ଥ୍ୟ ସମ୍ମିଳନୀ' ତଥା ପ୍ରଥମ 'ବ୍ରିକ୍ସ ଜଳ ମନ୍ତ୍ରୀସ୍ତରୀୟ ବୈଠକ' ଭଳି ନୂତନ ମଞ୍ଚ ଆରମ୍ଭ କରିଥିଲା।

- ୨୦୧୬ : ୮ମ ବ୍ରିକ୍ସ ସମ୍ମିଳନୀ : ୮ମ ବ୍ରିକ୍ସ ସମ୍ମିଳନୀ ୧୫ - ୧୬ ଅକ୍ଟୋବର ୨୦୧୬ରେ ଗୋଆରେ ଅନୁଷ୍ଠିତ ହୋଇଥିଲା। ଏହାର ବିଷୟବସ୍ତୁ ଥିଲା "ପ୍ରତିକ୍ରିୟାଶୀଳ, ଅନ୍ତର୍ଭୁକ୍ତମୂଳକ ଏବଂ ସାମୂହିକ ସମାଧାନର ନିର୍ମାଣ"।
- 'ଗୋଆ ଘୋଷଣାନାମା ଏବଂ କାର୍ଯ୍ୟ ଯୋଜନା' 'ନ୍ୟୁ ଡେଭଲପମେଣ୍ଟ ବ୍ୟାଙ୍କ'ର କାର୍ଯ୍ୟାରମ୍ଭ ଏବଂ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ପାଇଁ ଏହାର ପ୍ରଥମ ଋଣ ପ୍ରଦାନକୁ ସ୍ୱାଗତ କରିଥିଲା। ଏହା ସହିତ, ବିକାଶଶୀଳ ଦେଶଗୁଡ଼ିକର ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ମିଳିତ ଜାତିସଂଘରେ ସଂସ୍କାର ଆଣିବାର ଆବଶ୍ୟକତା ଉପରେ ମଧ୍ୟ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା।

- ୨୦୧୨ : ଚତୁର୍ଥ ବ୍ରିକ୍ସ ସମ୍ମିଳନୀ : ଚତୁର୍ଥ ବ୍ରିକ୍ସ ସମ୍ମିଳନୀ ୨୦୧୨ ମସିହା ମାର୍ଚ୍ଚ ୨୯ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏହାର ବିଷୟବସ୍ତୁ ଥିଲା "ବିଶ୍ୱ ସ୍ଥିରତା, ସୁରକ୍ଷା ଏବଂ ସମୃଦ୍ଧି ପାଇଁ ବ୍ରିକ୍ସ ଭାଗୀଦାରୀ"।
- ଏଥିରେ ବିଶ୍ୱ ଅର୍ଥନୀତିର ଅସମାନ ପୁନରୁଦ୍ଧାର, ବିଭିନ୍ନ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଋଣ ସଙ୍କଟ ଏବଂ ନିରନ୍ତର ବିକାଶ ଉପରେ ଆଲୋଚନା କରାଯାଇଥିଲା।

ସ୍ଥାପିତ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକ ଏକବିଂଶ ଶତାବ୍ଦୀର ଆହ୍ୱାନର ମୁକାବିଲା କରିବା ପାଇଁ ଯଥେଷ୍ଟ ସକ୍ଷମ ନୁହନ୍ତି ଏବଂ ଏକ ବହୁ-ମେରୁ ବିଶିଷ୍ଟ ତଥା ଅନ୍ତର୍ଭୁକ୍ତମୂଳକ ବିଶ୍ୱ ବ୍ୟବସ୍ଥା ସହିତ ତାଳମେଳ ରଖି ସେଗୁଡ଼ିକରେ ସଂସ୍କାର ଆଣିବା ଆବଶ୍ୟକ। ସେ ଗୁରୁତ୍ୱାରୋପ କରିଥିଲେ ଯେ ବ୍ରିକ୍ସର ସମ୍ପ୍ରସାରଣ ସମୟ ସହିତ ଖାପ ଖୁଆଇ ଚାଲିବାର ଏହି ଗୋଷ୍ଠୀର କ୍ଷମତାକୁ ପ୍ରମାଣିତ କରେ। ନିଜ ଅଧ୍ୟକ୍ଷତା କାଳରେ ଏହି ଭାବନାକୁ ଆଗକୁ ବଢ଼ାଇ ଭାରତ ବାଣିଜ୍ୟ, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ ଭଳି ବ୍ୟାବହାରିକ କ୍ଷେତ୍ରରେ ଠୋସ୍ ପଦକ୍ଷେପ ଗ୍ରହଣ କରିଥିଲା, ଯାହାର ଲକ୍ଷ୍ୟ ଥିଲା ବିଶ୍ୱ ଅସ୍ଥିରତା ମଧ୍ୟରେ ବ୍ରିକ୍ସକୁ ସହଯୋଗ ଏବଂ ବିଶ୍ୱାସର ଏକ ପ୍ରତୀକ ଭାବେ ପ୍ରତିଷ୍ଠିତ କରିବା।



Scan the QR code to view PM Modi's full program.

ନୂଆଦିଲ୍ଲୀ ଘୋଷଣାନାମା: ପରିବର୍ତ୍ତନ ପାଇଁ ଏକ ୧୪୦ ଟି ପଏଣ୍ଟ୍‌ର ବ୍ଲୁ ପ୍ରିଣ୍ଟ

'ସହଯୋଗ ଏବଂ ନିରନ୍ତର ସ୍ଥାୟୀତ୍ୱ ଲକ୍ଷ୍ୟ ନେଇ ସହନଶୀଳତା ଏବଂ ନବୋନ୍ମେଷର ନିର୍ମାଣ' ବିଷୟବସ୍ତୁ ଆଧାରିତ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀରେ ଗ୍ରହଣ କରାଯାଇଥିବା 'ନୂଆଦିଲ୍ଲୀ ଘୋଷଣାନାମା', ବ୍ରିକ୍ସର ଦୁଇ ଦଶନ୍ଧିର ଅଭିଜ୍ଞତା ଏବଂ ଭାରତର ଅଧ୍ୟକ୍ଷତା କାଳରେ ଅନୁଷ୍ଠିତ ୪୦୦ ରୁ ଅଧିକ ବୈଠକର ଫଳାଫଳକୁ ପ୍ରତିଫଳିତ କରେ। ଏହା ୧୪୦-ପାରାଗ୍ରାଫ୍ ବିଶିଷ୍ଟ ଏକ ବିସ୍ତୃତ ଦଲିଲ୍, ଯାହା ବିଶ୍ୱ ଶାସନ ସୁଧାରଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, କୃଷି, ପ୍ରଯୁକ୍ତିବିଦ୍ୟା, ଜଳବାୟୁ ଏବଂ ସଂସ୍କୃତି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ। ଏହି ଘୋଷଣାନାମାର ଏକ ପ୍ରମୁଖ ବିଶେଷତ୍ୱ ହେଉଛି, ଜାତିସଂଘ ସୁରକ୍ଷା ପରିଷଦର ସୁଧାର ସମ୍ପର୍କରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭିତରେ ସୃଷ୍ଟି ହୋଇଥିବା ଏକତା। ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ ହେବା ସହିତ ଜାତିସଂଘରେ ଅଧିକ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଭାରତ ଏବଂ ବ୍ରାଜିଲର ଆକାଂକ୍ଷାକୁ ଚୀନ୍ ଏବଂ ରୁଷ ପୁନର୍ବାର ସମର୍ଥନ ଜଣାଇଥିଲେ। ଏହି ଘୋଷଣାନାମାରେ ଗୁରୁତ୍ୱାରୋପ କରାଯାଇଛି ଯେ ବିଂଶ ଶତାବ୍ଦୀରେ ସ୍ଥାପିତ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକ ବର୍ତ୍ତମାନର ବାସ୍ତବତାକୁ ପ୍ରତିଫଳିତ କରୁନାହାନ୍ତି; ତେଣୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍), ବିଶ୍ୱ ବ୍ୟାଙ୍କ ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ଭଳି ସଂସ୍ଥାଗୁଡ଼ିକରେ ଜରୁରୀ ସଂସ୍କାର ଆବଶ୍ୟକ ହୋଇପଡ଼ିଛି।

ଆତଙ୍କବାଦ ପ୍ରତି ସଦସ୍ୟ ରାଷ୍ଟ୍ରମାନଙ୍କ ଆଭିମୁଖ୍ୟ ଏହି ଘୋଷଣାନାମାରେ ସ୍ପଷ୍ଟ ପ୍ରତୀତ ହୋଇଛି। ଏହା ନିର୍ଦ୍ୱନ୍ଦ୍ୱ ମଧ୍ୟ ରହିଛି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏପ୍ରିଲ ୨୦୨୫ରେ ଭାରତର ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଭାବେ ନିନ୍ଦା କରିଥିଲେ, ସବୁ ପ୍ରକାର ଆତଙ୍କବାଦର ମୁକାବିଲା କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ଆତଙ୍କବାଦକୁ କୌଣସି ଧର୍ମ, ଜାତୀୟତା କିମ୍ବା ସଭ୍ୟତା ସହିତ ଯୋଡ଼ାଯିବା ଉଚିତ୍ ନୁହେଁ ବୋଲି ଗୁରୁତ୍ୱ ଦେଇଥିଲେ। ଆତଙ୍କବାଦ ବିରୋଧୀ ଲଢ଼େଇରେ କୌଣସି ଦୋହରା ନୀତି ଗ୍ରହଣଯୋଗ୍ୟ ନୁହେଁ। ଅର୍ଥନୈତିକ କ୍ଷେତ୍ରରେ, ବ୍ରିକ୍ସ ଦେଶମାନଙ୍କ

> **"ନବୋନ୍ମେଷ ସ୍ତମ୍ଭ ଅଧୀନରେ, ବ୍ରିକ୍ସ ଇନ୍‌କ୍ୟୁବେଟର ନେଟୱାର୍କ ଆମର ଷ୍ଟାର୍ଟଅପ୍ ଏବଂ ଇନ୍‌କ୍ୟୁବେଟରଗୁଡ଼ିକୁ ଯୋଡ଼ିବା କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ଜ୍ଞାନ, ଅର୍ଥ ଏବଂ ନୂତନ ବଜାର ସହିତ ଯୋଡ଼ିବା ପାଇଁ ଆମେ 'ବ୍ରିକ୍ସ ଏମ୍‌ଏସ୍‌ଏମ୍‌ଇ ସହଯୋଗ ପୋର୍ଟାଲ୍' ମଧ୍ୟ ଶୁଭାରମ୍ଭ କରିଛୁ।**
>
> *— ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ*



ଭାରତର ବ୍ରିକ୍ସ (BRICS) ଅଧ୍ୟକ୍ଷତାର ପ୍ରମୁଖ ସ୍ତମ୍ଭ

ସହନଶୀଳତା

- ବିଶ୍ୱସ୍ତରୀୟ ଅନିଶ୍ଚିତତା, ଯୋଗାଣ ଶୃଙ୍ଖଳାରେ ପ୍ରତିବନ୍ଧକ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆହ୍ୱାନ ଏବଂ ଜଳବାୟୁ ସଙ୍କଟର ମୁକାବିଲା କରିବା ପାଇଁ ଅର୍ଥନୈତିକ, ସାମାଜିକ ଏବଂ ଆନୁଷ୍ଠାନିକ ସହନଶୀଳତାକୁ ସୁଦୃଢ଼ କରିବା।

ନବୋନ୍ମେଷ

- ପ୍ରଭାବଶାଳୀ ସେବା ପ୍ରଦାନ ଏବଂ ଭବିଷ୍ୟତ-ଉପଯୋଗୀ ଅଭିବୃଦ୍ଧିକୁ ସକ୍ଷମ କରିବା ପାଇଁ ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର, ଫିନ୍‌ଟେକ୍, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଜ୍ଞାନର ଆଦାନପ୍ରଦାନ ଭଳି ନୂତନ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ବିନିଯୋଗ କରିବା।

ସହଯୋଗ

- ନୀତିଗତ ସମନ୍ୱୟ, ବିକାଶମୂଳକ ଅର୍ଥପୋଷଣ, ବାଣିଜ୍ୟିକ ସୁଗମତା, ବିଶ୍ୱସ୍ତରୀୟ ଆନୁଷ୍ଠାନିକ ଶାସନରେ ସୁଧାର, ଏବଂ ଜନ-କୈନ୍ଦ୍ରିକ ସହଭାଗିତା ମାଧ୍ୟମରେ ବ୍ରିକ୍ସ ସଦସ୍ୟମାନଙ୍କ ମଧ୍ୟରେ ବହୁପାକ୍ଷିକ ସଂଯୋଗକୁ ଗଭୀର କରିବା।

ସୁସ୍ଥାୟୀ ବିକାଶ

- ଜାତୀୟ ଏବଂ ବିଶ୍ୱସ୍ତରୀୟ ପ୍ରାଥମିକତା ସହିତ ତାଳଦେଇ ଜଳବାୟୁ କାର୍ଯ୍ୟାନୁଷ୍ଠାନ, ସବୁଜ ଅର୍ଥପୋଷଣ, ଶକ୍ତି ରୂପାନ୍ତରଣ ଏବଂ ସୁସ୍ଥାୟୀ ବିକାଶ ଦିଗରେ ମିଳିତ ପ୍ରଚେଷ୍ଟାକୁ ତ୍ୱରାନ୍ୱିତ କରିବା।

ବ୍ରିକ୍ସ ଭାରତ ୨୦୨୬ ଲୋଗୋ

ବ୍ରିକ୍ସ ୨୦୨୬ ଲୋଗୋ ହେଉଛି ପରମ୍ପରା ଏବଂ ଆଧୁନିକତାର ଏକ ସୁନ୍ଦର ସମ୍ମିଶ୍ରଣ। ଫୁଲ ପାଖୁଡ଼ାର ରଙ୍ଗଗୁଡ଼ିକ ସମସ୍ତ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ଜୀବନ୍ତ ରଙ୍ଗକୁ ପ୍ରତିଫଳିତ କରେ, ଯାହା ମିଳିତ ଶକ୍ତି ଏବଂ ଏକତାର ପ୍ରତୀକ। କେନ୍ଦ୍ରରେ ଥିବା "ନମସ୍ତେ" ଭଙ୍ଗୀ ଭାରତର ପ୍ରାଚୀନ ପରମ୍ପରା, ଆନ୍ତରିକତା, ସମ୍ମାନ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଯୋଗକୁ ଦର୍ଶାଏ। ଏଥିରେ ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟ ଚିତ୍ରିତ ହୋଇଛି...

- ରାଜନୈତିକ ଏବଂ ସୁରକ୍ଷା ସହଯୋଗ
- ଅର୍ଥନୈତିକ ଏବଂ ଆର୍ଥିକ ସହଭାଗିତା
- ସାଂସ୍କୃତିକ ଏବଂ ବ୍ୟକ୍ତିଗତ/ଜନ-ସମ୍ପର୍କ ସହଯୋଗ

ଦ୍ୱାରା ନିର୍ମିତ ନ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କ (ଏନଡିବି)ର ଦ୍ୱିତୀୟ 'ସୁବର୍ଣ୍ଣ ଦଶନ୍ଧି'ରେ ପ୍ରବେଶ କରିବାକୁ ମଧ୍ୟ ଏହି ଘୋଷଣାନାମାରେ ସାମିଲ୍ କରାଯିବା ସହ ବ୍ୟାଙ୍କକୁ ସ୍ୱାଗତ କରାଯାଇଥିଲା ଏବଂ ମେ ୨୦୨୬ ରେ ମସ୍କୋରେ ଅନୁଷ୍ଠିତ ଏହାର ୧୧ଶ ବାର୍ଷିକ ବୈଠକକୁ ଉଲ୍ଲେଖ କରିଥିଲା। ସୁରକ୍ଷା, ସମାବେଶିତା ଏବଂ ବିଶ୍ୱସନୀୟତା ଅଧୀନରେ ବିକଶିତ 'ବ୍ରିକ୍ସ-ଏନଡିବି ଜ୍ଞାନ ପୋର୍ଟାଲ'। ଫେବୃଆରୀ ୨୦୨୬ରେ 'ଏଆଇ ଇମ୍ପାକ୍ଟ ସମ୍ମିଳନୀ'ର ସଫଳ ଆୟୋଜନ ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭାରତକୁ ଅଭିନନ୍ଦନ ଜଣାଇଥିଲେ। ସୁରକ୍ଷା, ସମାବେଶିତା

BRICS INDIA 2026



୩୦ଟି ସହରରେ ୪୦୦ ରୁ ଅଧିକ ବୈଠକ ମାଧ୍ୟମରେ ବ୍ରିକ୍ସର ଗହନ ଆଲୋଚନା

ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ ସମୟରେ, ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଏବଂ ସଂଗଠନଗୁଡ଼ିକର ଅଂଶଗ୍ରହଣ ସହିତ ପୂର୍ବରୁ ଦେଶର ୩୦ଟି ସହରରେ ଅନୁଷ୍ଠିତ ୪୦୦ଟି ବୈଠକ ମାଧ୍ୟମରେ ହାସଲ କରାଯାଇଥିବା ନିଷ୍କର୍ଷ ଏବଂ ସହମତିରେ ପହଞ୍ଚିଥିଲା।

ରାଜନୈତିକ ଏବଂ ସୁରକ୍ଷା ସହଯୋଗ, ଅର୍ଥନୈତିକ ଏବଂ ଆର୍ଥିକ ସହଯୋଗ, ଏବଂ ସାଂସ୍କୃତିକ ଓ ବ୍ୟକ୍ତିଗତ ତଥା ଜନ-ସମ୍ପର୍କ ଆଦାନପ୍ରଦାନ ସହଯୋଗର ତିନୋଟି ମୁଖ୍ୟ ସ୍ତମ୍ଭ ହୋଇ ରହିଥିଲା।

ଭାରତର ଅଧ୍ୟକ୍ଷତା କାଳରେ ବ୍ରିକ୍ସର ବିଭିନ୍ନ ବିଷୟବସ୍ତୁ-ଭିତ୍ତିକ କ୍ଷେତ୍ରରେ ୫୦ରୁ ଅଧିକ ଫଳାଫଳ ହାସଲ କରାଯାଇଥିଲା। ଏହି ଫଳାଫଳଗୁଡ଼ିକ ମଧ୍ୟରୁ ଅନେକକୁ ମଞ୍ଚ, ଢାଞ୍ଚା ଏବଂ ମାର୍ଗଦର୍ଶିକା ଭାବରେ ପ୍ରସ୍ତୁତ କରାଯାଇଛି, ଯାହାର ଲକ୍ଷ୍ୟ ହେଉଛି ବ୍ରିକ୍ସ ତାର ତୃତୀୟ ଦଶନ୍ଧିରେ ପ୍ରବେଶ କରୁଥିବା ବେଳେ ନିରନ୍ତର ସହଯୋଗ ଏବଂ ସହଭାଗିତାକୁ ପ୍ରୋତ୍ସାହିତ କରିବା।

ବୈଠକଗୁଡ଼ିକ ସମୟରେ ହୋଇଥିବା ସହମତିକୁ ବ୍ରିକ୍ସ ନୂଆଦିଲ୍ଲୀ ଘୋଷଣାନାମାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ନୂଆଦିଲ୍ଲୀ ଘୋଷଣାନାମାରେ ୧୪୦ଟି ପଏଣ୍ଟ ରହିଛି; ସେଥିମଧ୍ୟରୁ କେତେକ ପ୍ରମୁଖ ଆକର୍ଷଣ ଏଠାରେ ପ୍ରସ୍ତୁତ କରାଗଲା :

Scan the QR code to read the complete declaration.

ବ୍ରିକ୍ସ ନୂଆଦିଲ୍ଲୀ ଘୋଷଣାନାମାର ପ୍ରମୁଖ ବିଶେଷତ୍ୱ

- **ଜାତିସଂଘ ସୁରକ୍ଷା ପରିଷଦର ସୁଧାର:** ଜାତିସଂଘର ସୁଧାର ଏବଂ ସୁରକ୍ଷା ପରିଷଦରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ପ୍ରତିନିଧିତ୍ୱ ବୃଦ୍ଧି ଉପରେ ଗୁରୁତ୍ୱ। ଅଧିକ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଭାରତ ଏବଂ ବ୍ରାଜିଲର ଆକାଂକ୍ଷାକୁ ଚୀନ୍ ଏବଂ ରୁଷ ପୁନର୍ବାର ସମର୍ଥନ ଜଣାଇଥିଲେ।
- **ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟ:** ୨୨ ଏପ୍ରିଲ ୨୦୨୫ ରେ ଜାମ୍ମୁ ଓ କାଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା। ସୀମାପାର ଆତଙ୍କବାଦ, ଆତଙ୍କବାଦୀ ଆର୍ଥିକ ପୋଷଣ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳୀ ସମେତ ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ନିଶ୍ଚିତ କରାଯାଇଥିଲା।
- **କିମ୍ବରଲି ପ୍ରୋସେସ୍‌ରେ ଭାରତର ଅଧ୍ୟକ୍ଷତା:** ୨୦୨୬ ରେ କିମ୍ବରଲି ପ୍ରୋସେସରେ ଭାରତର ଅଧ୍ୟକ୍ଷତାକୁ ସ୍ୱାଗତ; ବ୍ରିକ୍ସ ଢାଞ୍ଚା ମଧ୍ୟରେ ଆଫ୍ରିକୀୟ ହୀରା-ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ସହିତ ସହଯୋଗ ପାଇଁ ସମର୍ଥନ।
- **ଗିଫ୍ଟ ସିଟି ରେ ବ୍ରିକ୍ସ ରିସ୍କ ଲ୍ୟାବ୍:** ଭାରତର ପ୍ରସ୍ତାବ ଆଧାରରେ ଗୁଜରାଟର ଗିଫ୍ଟ ସିଟି ଆଇଏଫଏସ୍‌ସିରେ ଏକ 'ବ୍ରିକ୍ସ ରିସ୍କ ଲ୍ୟାବ୍' ସ୍ଥାପନ କରିବା ପାଇଁ ଆଗାମୀ ଆଲୋଚନାକୁ ସମର୍ଥନ।
- **ଗୁରୁତ୍ୱପୂର୍ଣ୍ଣ ଖଣିଜ:** ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ନିର୍ଭରଯୋଗ୍ୟ, ବିବିଧ ଏବଂ ସହନଶୀଳ ଯୋଗାଣ ଶୃଙ୍ଖଳା ଏବଂ ସମ୍ବଳ-ସମୃଦ୍ଧ ଦେଶଗୁଡ଼ିକରେ ମୂଲ୍ୟ ବୃଦ୍ଧି ଉପରେ ଗୁରୁତ୍ୱ।
- **ବ୍ରିକ୍ସ-ଏନଡିବି ଜ୍ଞାନ ପୋର୍ଟାଲ:** ଭାରତର ଅଧ୍ୟକ୍ଷତାରେ ଶୁଭାରମ୍ଭ କରାଯାଇଥିବା 'ବ୍ରିକ୍ସ-ଏନଡିବି ଜ୍ଞାନ ପୋର୍ଟାଲ ହେଉଛି ବିକାଶମୂଳକ ଅଭିଜ୍ଞତା, ସର୍ବୋତ୍ତମ କାର୍ଯ୍ୟପନ୍ଥା ଏବଂ ନୀତିଗତ ନବୋନ୍ମେଷର ଆଦାନପ୍ରଦାନ ପାଇଁ ଏକ ସହଭାଗୀ ମଞ୍ଚ।
- **ଅଭିବୃଦ୍ଧି ଏବଂ ବିକାଶ ଉପରେ ବ୍ରିକ୍ସ ଟାସ୍କ ଫୋର୍ସ:** ଭାରତର ପଦକ୍ଷେପରେ 'ବିକାଶ ଓ ଉତ୍‌ଥାନ ଟାସ୍କଫୋର୍ସ' ର ସ୍ଥାପନା ; ବିକାଶମୂଳକ ମଡେଲ, ଡିଜିଟାଲ୍ ରୂପାନ୍ତରଣ, କୃତ୍ରିମ ବୁଦ୍ଧିମତ୍ତା ଏବଂ ବିକାଶମୂଳକ ଅର୍ଥପୋଷଣ କ୍ଷେତ୍ରରେ ସହଯୋଗ ପାଇଁ ଏକ ମଞ୍ଚ।

ଏବଂ ବିଶ୍ୱସନୀୟତା ଅଧୀନରେ ବିକଶିତ 'ବ୍ରିକ୍ସ-ଏନଡିବି ଜ୍ଞାନ ପୋର୍ଟାଲ'। ଫେବୃଆରୀ ୨୦୨୬ରେ 'ଏଆଇ ଇମ୍ପାକ୍ଟ ସମ୍ମିଳନୀ'ର ସଫଳ ଆୟୋଜନ ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭାରତକୁ ଅଭିନନ୍ଦନ ଜଣାଇଥିଲେ।

ବିଶ୍ୱ ଶାସନ ସମ୍ବନ୍ଧୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଆଗତ ତିନୋଟି ପ୍ରସ୍ତାବ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ



- **Digital Public Infrastructure:** Proposal to launch a Digital Public Infrastructure (DPI) repository and pilot projects for DPI solutions among BRICS nations.
- **AI Cooperation:** Recognition of AI as a vital tool for economic and sustainable development; emphasis on international cooperation for safe, inclusive, trustworthy, and accessible AI. Welcoming India's AI Impact Summit 2026.
- **Mental Health Network with NIMHANS:** Support for including NIMHANS as the coordinator of the BRICS Centre of Excellence network, a platform for research and policy cooperation on mental health.
- **BRICS SME Forum, Agra:** Hosting of the first BRICS SME Forum in Agra under India's presidency; emphasis on enhancing MSME access to finance and technology.
- **Solar Photovoltaic Cooperation:** Support for developing a BRICS Solar Photovoltaic Cooperation Roadmap; cooperation in technology, finance, and capacity building.
- **India Centre for BRICS Industrial Competency:** Welcoming the establishment of the India Centre for BRICS Industrial Competency (ICBIC).
- **BRICS Incubator Network:** Welcoming the establishment of the BRICS Incubator Network and further consideration of the BRICS Startup Innovation Fund.
- **Tax Cooperation:** New working groups for cooperation among BRICS tax authorities under India's presidency; initiatives for a Tax Support Network and a Tax Cross-Learning Lab.
- **Women's Digital Capacity Building:** Welcoming the BRICS Women's Digital Capacity Building Guidelines; a digital repository of best practices for women's empowerment, initiated by India.
- **Traditional and Indigenous Knowledge:** Welcoming the guiding principles for academic cooperation in traditional and indigenous knowledge systems, initiated by India.
- **Education and Skills:** Emphasis on strengthening education, digital literacy, skill development, and workforce readiness; recognizing BRICS-TCA as a platform for cooperation.
- **BRICS Connect:** Adoption of BRICS Connect for capacity building, employability, and new technologies/skills; initiative for an international digital platform for remote employment.
- **BRICS Remote Sensing Satellite Constellation:** Welcoming the achievements of the remote sensing satellite constellation; progress towards the BRICS Space Council and the inclusion of new space agencies.
- **Information Technology and Cybercrime:** Emphasis on a secure, stable, and interoperable ICT environment; cooperation towards implementing the UN convention against cybercrime.

ଥିଲା। ସେ ବିଶ୍ୱ ଶାସନ ଢାଞ୍ଚାକୁ ଏକ ପିରାମିଡ୍ ସହିତ ତୁଳନା କରିଥିଲେ ଯେଉଁଠାରେ ଶୀର୍ଷରେ କ୍ଷମତା କେନ୍ଦ୍ରୀଭୂତ ହୋଇଥାଏ, ଯେତେବେଳେ କି ମୂଳରେ ଥିବା ଦେଶଗୁଡ଼ିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୁଅନ୍ତି କିନ୍ତୁ ସେଗୁଡ଼ିକୁ ରୂପ ଦେବାର କ୍ଷମତା ସେମାନଙ୍କ ପାଖରେ ରହି ନଥାଏ। ଏହି 'ବିଶେଷାଧିକାରର ପିରାମିଡ୍'କୁ 'ସହଭାଗିତାର ମଞ୍ଚ'ରେ ପରିଣତ କରିବାକୁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ତିନୋଟି ସ୍ତମ୍ଭ:



- **Cybersecurity and Deepfakes:** Cooperation to tackle digital challenges such as cybercrime, misinformation, disinformation, hate speech, and deepfakes.
- **Payments in Local Currencies:** Efforts to make cross-border payments between BRICS nations faster, lower-cost, secure, and accessible; ongoing discussions on trade settlement in local currencies.
- **Settlement and Depository Infrastructure:** Cooperation on sharing knowledge and experience following the technical workshop on settlement and depository systems.
- Invoice Discounting for MSMEs: Study on establishing an invoice discounting mechanism within BRICS under the 'Jaipur Consensus'; aim to provide working capital to MSMEs.
- **Global Value Chains:** Emphasis on making BRICS global value chains resilient and inclusive, while also advancing developing countries into high-value segments.
- **BRICS Grain Exchange:** Further discussion on the initiative to establish a grain trading platform/BRICS Grain Exchange; potential for expansion to include other agricultural products and commodities.
- **BRICS AGRIN:** Agreement to establish BRICS AGRIN for agricultural inputs, genetic resources, and information; welcoming the global platform on farmers' rights in seed systems.
- **Energy Security:** Emphasis on energy security, stable energy markets, and resilient energy infrastructure; welcoming the BRICS Youth Energy Summit.
- **Smart Grids and Energy Storage:** Welcoming the BRICS Guiding Principles on Smart Grids and Energy Storage, an initiative for a Digital Center of Excellence for smart grids and energy storage.
- **Climate Change and the Paris Agreement:** Emphasis on the full implementation of the Paris Agreement, adaptation, loss and damage, and climate financing for developing countries.
- **BRICS Carbon Markets Partnership:** Support for cooperation, capacity building, and experience sharing regarding carbon markets through the BRICS Carbon Markets Partnership.
- **International Big Cats Alliance:** Mention of India's initiative to form the International Big Cats Alliance and a call for cooperation among BRICS nations in the conservation of big cats.
- **Disaster Management:** Cooperation on

ପ୍ରତିନିଧିତ୍ୱ, ଉତ୍ତରଦାୟିତ୍ୱ ଏବଂ ନିୟମ-ନିର୍ଦ୍ଧାରଣ ଉପରେ ଆଧାରିତ ଏକ ବ୍ରିକ୍ସ ସଂସ୍କାର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲେ। ଗୋଷ୍ଠୀ ମଧ୍ୟରେ ନିରନ୍ତରତା ନିଶ୍ଚିତ କରିବା ପାଇଁ, ସେ 'ବ୍ରିକ୍ସ କଣ୍ଟିନ୍ୟୁଟି ଆଣ୍ଡ ଇମ୍ପ୍ଲିମେଣ୍ଟେସନ୍ ମେକାନିଜମ୍' ର ପ୍ରସ୍ତାବ ଦେଇଥିଲେ, ଯାହାକି ପ୍ରତିବର୍ଷ ଅଧ୍ୟକ୍ଷତାର ପରିବର୍ତ୍ତନ ସତ୍ତ୍ୱେ ନିଷ୍ପତ୍ତିଗୁଡ଼ିକର ଅନୁଧ୍ୟାନ ଏବଂ କାର୍ଯ୍ୟକାରିତାରେ କୌଣସି ବାଧା ନଆସିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ ସାମୁଦ୍ରିକ କର୍ମଚାରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ସେ 'ନାବିକଙ୍କ ଜରୁରୀକାଳୀନ ସହାୟତା ନେଟୱାର୍କ' ସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଘୋଷଣାନାମା ସମାପ୍ତ କରି, ସଦସ୍ୟ ରାଷ୍ଟ୍ରଗୁଡ଼ିକ ନୂଆଦିଲ୍ଲୀରେ ଏହି ସଫଳ କାର୍ଯ୍ୟକ୍ରମ ପାଇଁ ଭାରତ ସରକାର ଏବଂ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ ଏବଂ ୨୦୨୭ ରେ ୧୯ଶ ସମ୍ମିଳନୀର ଅଧ୍ୟକ୍ଷତା ଓ ଆୟୋଜନ ପାଇଁ ଚୀନ୍‌କୁ ସେମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ଦେଇଥିଲେ।



disaster risk reduction; welcoming guidelines for disaster management, early warning data integration and voluntary principles for climate-resilient urban infrastructure.

- **Sustainable Transport:** Welcoming initiatives on sustainable aviation fuels, transport decarbonisation, and the establishment of a BRICS Urban Mobility Hub; inclusion of a logistics supply-chain cooperation framework.
- **Urbanisation Forum:** Welcoming the BRICS Urbanisation Forum and the Ministerial Declaration in New Delhi; establishment of the BRICS Urban Research and Knowledge Network.
- **Health and Tuberculosis:** Cooperation on universal health coverage; establishment of a dedicated sub-working group for TB research, shared technology, and integrated early warning systems.
- **New Development Bank:** Emphasis on strengthening the NDB's role, increasing local currency financing, diversifying funding sources, and boosting infrastructure investment in the Global South.
- **India's Presidency and Support for China:** BRICS commended India's 2026 presidency and expressed gratitude for hosting the New Delhi Summit. Full support was extended to China for the 2027 BRICS presidency and the holding of the XIX BRICS summit in China.

ତିରିଶଟି ସହର, ଚାରି ଶହ ବୈଠକ: ନଅ ମାସର ଗହନ ଆଲୋଚନା

୧ ଜାନୁଆରୀ ୨୦୨୬ ରେ ବ୍ରିକ୍ସ ଅଧ୍ୟକ୍ଷତା ଗ୍ରହଣ କରିବା ପରେ, ଭାରତ ସମଗ୍ର ବର୍ଷ ପାଇଁ ଏକ ସୁଚିନ୍ତିତ ସୂଚୀ ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ବ୍ରିକ୍ସ ସହଯୋଗ କେବଳ ଦୁଇ ଦିନିଆ ସମ୍ମିଳନୀ ମଧ୍ୟରେ ସୀମିତ ନ ରହି ପ୍ରତ୍ୟେକ ମନ୍ତ୍ରଣାଳୟ, କ୍ଷେତ୍ର ଏବଂ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବା ନିଶ୍ଚିତ କରିବା। ବର୍ଷସାରା ଦେଶର ତିରିଶଟି ସହରରେ ଚାରି ଶହରୁ ଅଧିକ ବୈଠକ ଏବଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମନ୍ତ୍ରୀସ୍ତରୀୟ ବୈଠକଠାରୁ ଆରମ୍ଭ କରି କର୍ମଶାଳା, ଫୋରମ୍ ଏବଂ ସମ୍ମିଳନୀ ସାମିଲ ଥିଲା। ସମ୍ମିଳନୀ ପୂର୍ବରୁ ଅନୁଷ୍ଠିତ ମନ୍ତ୍ରୀସ୍ତରୀୟ ବୈଠକଗୁଡ଼ିକ



ଏହି ଅଧ୍ୟକ୍ଷତାର ଦିଗ ନିର୍ଦ୍ଧାରଣ କରିଥିଲା। ଚେନ୍ନାଇରେ ଅନୁଷ୍ଠିତ ଚତୁର୍ଦ୍ଦଶ ବ୍ରିକ୍ସ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବୋନ୍ମେଷ (ଏସଟିଆଇ) ମନ୍ତ୍ରୀସ୍ତରୀୟ ବୈଠକରେ 'ଚେନ୍ନାଇ ଘୋଷଣାନାମା' ଅନୁମୋଦିତ ହୋଇଥିଲା, ଯାହା କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ୱାଣ୍ଟମ୍ ଟେକ୍ନୋଲୋଜି ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ସହିତ ଏକ ବ୍ରିକ୍ସ ବିଜ୍ଞାନ ଏବଂ ଗବେଷଣା ଭଣ୍ଡାର ସୃଷ୍ଟି କରିବା ଉପରେ ସହମତି ପ୍ରତିଷ୍ଠା କରିଥିଲା। ଅଗଷ୍ଟ ୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ତ୍ରୟୋଦଶ ଶିକ୍ଷା ମନ୍ତ୍ରୀଙ୍କ ବୈଠକରେ ପ୍ରାରମ୍ଭିକ ଶୈଶବ ଶିକ୍ଷା ଏବଂ ମୌଳିକ ସାକ୍ଷରତାରେ ସୁଧାର ଆଣିବା ସହ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ନୈତିକ ବ୍ୟବହାର ସମ୍ପର୍କରେ ଏକ ରାଜିନାମା ହୋଇଥିଲା। ଅଗଷ୍ଟ ୧୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱାଦଶ ପରିବେଶ ମନ୍ତ୍ରୀଙ୍କ ବୈଠକରେ ଭାରତ ଚାରୋଟି ପ୍ରମୁଖ ପ୍ରାଥମିକତା : ସୁସ୍ଥାୟୀ ଜୀବନଶୈଳୀ, ବୃକ୍ଷରୋପଣ, ସର୍କୁଲାର୍ ଇକୋନୋମି (ଚକ୍ରାକାର ଅର୍ଥବ୍ୟବସ୍ଥା) ଏବଂ ଜଳବାୟୁ ଅନୁକୂଳନ ଉପରେ ଆଲୋକପାତ କରିଥିଲା । ଅଗଷ୍ଟ ୨୧ ରେ ଜୟପୁରଠାରେ ଅନୁଷ୍ଠିତ ପର୍ଯ୍ୟଟନ ମନ୍ତ୍ରୀଙ୍କ ବୈଠକରେ 'ଜୟପୁର ଘୋଷଣାନାମା' ଗ୍ରହଣ କରାଯାଇଥିଲା, ଯେଉଁଥିରେ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ସ୍ଥାୟୀ ପର୍ଯ୍ୟଟନର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଗଷ୍ଟ ୨୨ ରେ ବିଶାଖାପାଟଣାରେ ଯୁବ ମନ୍ତ୍ରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପ୍ରତିନିଧିମାନେ 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନ ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଇଥିଲେ।

୧୩. **ଷ୍ଟାଚ୍ୟୁ ଅଫ୍ ୟୁନିଟି** – ଜାତୀୟ ଭାବନାର ଏକ ଭବ୍ୟ ପ୍ରତୀକ: ୧୮୨ ମିଟର ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତିଟି ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଅଟେ। ୨୦୧୮ ମସିହା ଅକ୍ଟୋବର ୩୧ ତାରିଖରେ ଉଦ୍ଘାଟିତ ଏହି ପ୍ରତିମୂର୍ତ୍ତିର ଉଚ୍ଚତା ଗୁଜୁରାଟ ବିଧାନସଭାର ୧୮୨ଟି ଆସନକୁ ପ୍ରତିଫଳିତ କରିଥାଏ। ପୁରୁଣା କୃଷି ଉପକରଣରୁ ସଂଗୃହୀତ ଲୁହା ପଠାଇ ଜନ-ଅଂଶଗ୍ରହଣ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତରୁ କୃଷକମାନେ ଏହି ପ୍ରକଳ୍ପରେ ନିଜର ଯୋଗଦାନ ଦେଇଥିଲେ।





୧୪. ଜାତୀୟ ଯୁଦ୍ଧ ସ୍ମାରକୀ ଏବଂ ଜାତୀୟ ପୋଲିସ ସ୍ମାରକୀ – ବଳିଦାନର ସ୍ମୃତିଚାରଣ: ଜାତୀୟ ଯୁଦ୍ଧ ସ୍ମାରକୀ ହେଉଛି ଭାରତର ପ୍ରଥମ ଜାତୀୟ ସ୍ମାରକୀ ଯାହା ସ୍ୱାଧୀନତା ପରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସୈନିକମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ; ଏଥିରେ ୨୫,୯୪୨ ଜଣ ସୈନିକଙ୍କ ନାମ ଲିପିବଦ୍ଧ ରହିଛି। ସେହିପରି, ଜାତୀୟ ପୋଲିସ ସ୍ମାରକୀ ହେଉଛି କର୍ତ୍ତବ୍ୟ ସମ୍ପାଦନ ସମୟରେ ସହିଦ ହୋଇଥିବା ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପ୍ରଥମ ଜାତୀୟ ସ୍ମାରକୀ; ଏହାର 'ୱାଲ୍ ଅଫ୍ ଭାଲୋର୍' (ସାହସର ପ୍ରତୀକ ସ୍ୱରୂପ କାନ୍ଥ) ଉପରେ ସହିଦ ଅଧିକାରୀମାନଙ୍କ ନାମ ଖୋଦିତ ହୋଇଛି।

୧୫. ସ୍ମୃତିବନ ଏବଂ ଜାଲିଆନାୱାଲା ବାଗ୍ – ଦୁଃଖଦ ଇତିହାସର ସ୍ମୃତିଚାରଣ: ଭୁଜ୍‌ରେ ୪୭୦ ଏକରରୁ ଅଧିକ ସ୍ଥାନରେ ବିକଶିତ 'ସ୍ମୃତିବନ'ରେ ୧୩,୦୦୦ରୁ ଅଧିକ ପୀଡ଼ିତଙ୍କ ନାମ, ତିନି ଲକ୍ଷରୁ ଅଧିକ ଗଛ ବିଶିଷ୍ଟ ଏକ 'ମିୟାୱାକି' ଜଙ୍ଗଲ ଏବଂ ଏକ ୫-ଡି ସେଇସ୍‌ମିକ୍ ସିମୁଲେଟର ରହିଛି। ନବନିର୍ମିତ ଜାଲିଆନାୱାଲା ବାଗ୍ ପରିସରରେ, ଜେନେରାଲ୍ ଡାୟାରଙ୍କ ସୈନ୍ୟବାହିନୀ ପ୍ରବେଶ କରିଥିବା ରାସ୍ତାକୁ ଭାସ୍କର୍ଯ୍ୟ ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି ଏବଂ ଏଥିରେ ନୂତନ ଗ୍ୟାଲେରୀ ତଥା ସାଉଣ୍ଡ-ଆଣ୍ଡ-ଲାଇଟ୍ ପ୍ରଦର୍ଶନୀ ମଧ୍ୟ ଯୋଡ଼ା ଯାଇଛି।

୧୬. ନାଳନ୍ଦା ବିଶ୍ୱବିଦ୍ୟାଳୟ – ଜ୍ଞାନ ପରମ୍ପରାର ଏକ ଆଧୁନିକ ସମ୍ପ୍ରସାରଣ: ୪୫୫ ଏକର ପରିମିତ ଅଞ୍ଚଳରେ ବ୍ୟାପିଥିବା ଏହାର ନୂତନ କ୍ୟାମ୍ପସ୍‌ର ଉଦ୍‌ଘାଟନ ୧୯ ଜୁନ୍ ୨୦୨୪ରେ କରାଯାଇଥିଲା। ସୌର ଶକ୍ତି ଚାଳିତ ଏବଂ ନେଟ୍-ଜିରୋ (ଶୂନ୍ୟ ନିର୍ଗମନ) ବିଶିଷ୍ଟ ଏହି କ୍ୟାମ୍ପସ୍‌ରେ ୨,୦୦୦ ଆସନ ବିଶିଷ୍ଟ ଏକ ଆମ୍ଫିଥିଏଟର ଏବଂ ୧୦୦ ଏକରରୁ ଅଧିକ ସ୍ଥାନ ବ୍ୟାପିଥିବା କମଳ ସାଗର ରହିଛି। ବର୍ଷାଜଳ ସଂରକ୍ଷଣ ପାଇଁ ବିହାରର ପାରମ୍ପରିକ 'ଆହାର-ପାଇନ୍' ବ୍ୟବସ୍ଥାର ଉପଯୋଗ କରାଯାଇଛି।

୧୭. ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏବଂ ଦାଣ୍ଡି କୁଟିର – ଆଧୁନିକ ଉପସ୍ଥାପନା ମାଧ୍ୟମରେ ଇତିହାସ: ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ୨୦୨୨ ମସିହା ଅପ୍ରେଲ ୧୪ ତାରିଖରେ ଉଦ୍ଘାଟିତ ହୋଇଥିଲା। ଏହା ଭାରତର ପ୍ରତ୍ୟେକ ପ୍ରଧାନମନ୍ତ୍ରୀଙ୍କୁ ଉତ୍ସର୍ଗୀକୃତ ପ୍ରଥମ ସଂଗ୍ରହାଳୟ ଅଟେ। ଏଠାରେ ହୋଲୋଗ୍ରାମ ଏବଂ ଇଣ୍ଟରାକ୍ଟିଭ୍ ରୁମ୍ ମାଧ୍ୟମରେ ଭାରତର ସ୍ୱାଧୀନତା-ପରବର୍ତ୍ତୀ ଯାତ୍ରାକୁ ପ୍ରଦର୍ଶିତ କରାଯାଇଛି। ଦାଣ୍ଡି କୁଟିରରେ, ୪୧ ମିଟର ଉଚ୍ଚତା ବିଶିଷ୍ଟ ଏକ ଶଙ୍କୁ-ଆକୃତିର ଗୁମ୍ବଜ ମଧ୍ୟରେ ଥ୍ରୀ-ଡି ମ୍ୟାପିଂ, ହୋଲୋଗ୍ରାଫି ଏବଂ ୩୬୦-ଡିଗ୍ରୀ ପ୍ରୋଜେକ୍ସନ୍ ବ୍ୟବହାର କରି ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପସ୍ଥାପନ କରାଯାଇଛି।



୧୮. ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ଏବଂ ଜାତୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସ – ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ, ଜାତୀୟ ସଂଗ୍ରହାଳୟ କାର୍ଯ୍ୟକ୍ରମ ଅଧୀନରେ ପ୍ରସ୍ତାବିତ ୧୧ଟି ସଂଗ୍ରହାଳୟ ମଧ୍ୟରୁ ୪ଟିର ଉଦ୍ଘାଟନ ୨୦୨୬ ସୁଦ୍ଧା କରାଯିବ। ଏଥିମଧ୍ୟରୁ ପ୍ରଥମଟି ରାଞ୍ଚିସ୍ଥିତ ପୁରୁଣା କେନ୍ଦ୍ରୀୟ କାରାଗାରରେ ଅବସ୍ଥିତ। ବର୍ତ୍ତମାନ ଲୋଥାଲ୍‌ଠାରେ ନିର୍ମାଣାଧୀନ ଥିବା 'ଜାତୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସ' ଭାରତର ୪,୫୦୦ ବର୍ଷ ପୁରୁଣା ସାମୁଦ୍ରିକ ଇତିହାସକୁ ଉତ୍ସର୍ଗୀକୃତ।

୧୯. ମହାତ୍ମା ମନ୍ଦିର, ଭାରତ ମଣ୍ଡପମ୍ ଏବଂ ଯଶୋଭୂମି – ସମ୍ମିଳନୀ ଆୟୋଜନ କ୍ଷମତାର ସମ୍ପ୍ରସାରଣ: ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିର ପ୍ରାୟ ୪୦ ଏକର ସ୍ଥାନରେ ବ୍ୟାପି ରହିଛି ଏବଂ ଏହାର ମୁଖ୍ୟ ଅଡିଟୋରିୟମରେ ୬,୦୦୦ ଲୋକଙ୍କ ବସିବାର କ୍ଷମତା ରହିଛି। ଭାରତ ମଣ୍ଡପମ୍‌ରେ ୭,୦୦୦ ଲୋକଙ୍କ ପାଇଁ ଏକ ଅଡିଟୋରିୟମ୍ ଏବଂ ୩,୦୦୦ କ୍ଷମତା ବିଶିଷ୍ଟ ଏକ ଆମ୍ଫିଥିଏଟର ରହିଛି। ଯଶୋଭୂମିରେ ୧.୦୭ ଲକ୍ଷ ବର୍ଗ ମିଟରରୁ ଅଧିକ କ୍ଷେତ୍ରଫଳ ବିଶିଷ୍ଟ ପ୍ରଦର୍ଶନୀ ସ୍ଥାନ ଏବଂ ୧୧,୦୦୦ରୁ ଅଧିକ ପ୍ରତିନିଧିଙ୍କ ପାଇଁ ସ୍ଥାନ ଥିବା ସମ୍ମିଳନୀ କକ୍ଷ ରହିଛି।

୨୦. ରୁଦ୍ରାକ୍ଷ ଏବଂ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ – ସଂସ୍କୃତିରୁ କ୍ରୀଡ଼ା ପର୍ଯ୍ୟନ୍ତ: ବାରଣାସୀର ରୁଦ୍ରାକ୍ଷ ଆନ୍ତର୍ଜାତୀୟ ସହଯୋଗ ଓ ସମ୍ମିଳନୀ କେନ୍ଦ୍ର ଏକ ଶିବଲିଙ୍ଗ ଆକାରରେ ନିର୍ମିତ ଏବଂ ଏଥିରେ ୧୦୮ଟି ଆଲୁମିନିୟମ୍ ନିର୍ମିତ ରୁଦ୍ରାକ୍ଷର ଆକୃତି ସ୍ଥାପନ କରାଯାଇଛି। ପ୍ରାୟ ୧,୨୦୦ ଲୋକଙ୍କ ବସିବା କ୍ଷମତା ବିଶିଷ୍ଟ ଏହି କେନ୍ଦ୍ର ଭାରତ ଓ ଜାପାନ ମଧ୍ୟରେ ଥିବା ସ୍ଥାପତ୍ୟ ଓ ବୈଷୟିକ ସହଯୋଗର ଏକ ଉତ୍କୃଷ୍ଟ ନିଦର୍ଶନ ଅଟେ। ସେହିପରି, ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ହେଉଛି ବିଶ୍ୱର ସର୍ବବୃହତ କ୍ରିକେଟ୍ ଷ୍ଟାଡିୟମ୍, ଯେଉଁଠାରେ ପ୍ରାୟ ୧,୩୨,୦୦୦ ଦର୍ଶକଙ୍କ ବସିବାର କ୍ଷମତା ରହିଛି।

୨୧. ସାବରମତୀ ନଦୀତଟ ଏବଂ କଙ୍କରିଆ ହ୍ରଦ – ସହରୀ ସାର୍ବଜନୀନ ସ୍ଥାନଗୁଡ଼ିକର ନବୀକରଣ: ସାବରମତୀ ନଦୀତଟ ପ୍ରକଳ୍ପ ଅଧୀନରେ ପ୍ରାୟ ୨୦୫ ହେକ୍ଟର ଅଞ୍ଚଳର ପୁନଃବିକାଶ କରାଯାଇ ୧୧.୨୫ କିଲୋମିଟର ଲମ୍ବର ଏକ ସାର୍ବଜନୀନ ନଦୀତଟ ନିର୍ମାଣ କରାଯାଇଥିଲା। ଏଠାରେ ଥିବା ଏକ ମୁଖ୍ୟ ଆକର୍ଷଣ ହେଉଛି ଗୁଡ଼ି ଆକୃତିରୁ ଅନୁପ୍ରାଣିତ ୩୦୦ ମିଟର ଲମ୍ବ ବିଶିଷ୍ଟ ଅଟଳ ପଦଚାରୀ ସେତୁ। ସେହିପରି, ୧୫ଶ ଶତାବ୍ଦୀର କଙ୍କରିଆ ହ୍ରଦର ମଧ୍ୟ ପୁନଃବିକାଶ କରାଯାଇ ୨.୩ କିଲୋମିଟର ଲମ୍ବର ହ୍ରଦତଟ ନିର୍ମାଣ କରାଯାଇଥିଲା, ଯେଉଁଠାରେ ବିଭିନ୍ନ ମନୋରଞ୍ଜନମୂଳକ ସୁବିଧା ରହିଛି।



୨୨. କାଶୀ ବିଶ୍ୱନାଥ ଧାମ ଏବଂ ମହାକାଳ ଲୋକ – ତୀର୍ଥଯାତ୍ରା ଅନୁଭୂତିରେ ରୂପାନ୍ତର: କାଶୀ ବିଶ୍ୱନାଥ ଧାମରେ, ବର୍ତ୍ତମାନ ୨୩ଟି କୋଠା ଲଳିତା ଘାଟକୁ ମନ୍ଦିର ସହିତ ସଂଯୁକ୍ତ କରୁଛି, ଯାହା ଗଙ୍ଗା ନଦୀରୁ ମନ୍ଦିର ପର୍ଯ୍ୟନ୍ତ ଏକ ସୁଗମ ଯାତ୍ରାକୁ ସମ୍ଭବ କରିପାରୁଛି। ପ୍ରାୟ ୯୦୦ ମିଟର ପରିବ୍ୟାପ୍ତ ଉଜ୍ଜୟିନୀର ମହାକାଳ ଲୋକ ୧୦୮ଟି ବାଲୁକା ପଥର ସ୍ତମ୍ଭ ଦ୍ୱାରା ସୁସଜ୍ଜିତ ହୋଇଛି; ଏହି ସ୍ତମ୍ଭଗୁଡ଼ିକରେ ଭଗବାନ ଶିବଙ୍କ ଆନନ୍ଦ ତାଣ୍ଡବ (ଆନନ୍ଦମୟ ନୃତ୍ୟ)ର ବିଭିନ୍ନ ଭଙ୍ଗୀ ଖୋଦିତ ହୋଇଛି।

୨୩. କେଦାରନାଥ, ସୋମନାଥ ଏବଂ ଅମ୍ବାଜୀ – ଐତିହ୍ୟ ବି, ବିକାଶ ବି' ମନ୍ତ୍ରକୁ ଆପଣାଇବା: ୨୦୧୩ ମସିହାର ବନ୍ୟା ପରେ, କେଦାରନାଥରେ ବିପର୍ଯ୍ୟୟ-ପ୍ରତିରୋଧୀ ପୁନଃବିକାଶ କାର୍ଯ୍ୟ କରାଯାଇଥିଲା, ଯେଉଁଥିରେ ଆଦି ଶଙ୍କରାଚାର୍ଯ୍ୟଙ୍କ ୩୫-ଟନ୍ ଓଜନର ପ୍ରତିମୂର୍ତ୍ତି ସ୍ଥାପନ ଅନ୍ତର୍ଭୁକ୍ତ ଥିଲା। ସୋମନାଥରେ ୧.୪୮ କିଲୋମିଟର ଲମ୍ବର 'ସମୁଦ୍ର ଦର୍ଶନ ପଥ' ଓ ଏକ ସ୍ୱତନ୍ତ୍ର ଗ୍ୟାଲେରୀର ନିର୍ମାଣ ତଥା ପୁରୁଣା ପରିସରର ପୁନଃବିକାଶ କାର୍ଯ୍ୟ କରାଯାଇଥିଲା। ସେହିପରି ଅମ୍ବାଜୀରେ ୧,୬୩୨ କୋଟି ଟଙ୍କା ବ୍ୟୟରେ 'ଶକ୍ତି କରିଡର୍' ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ଯାହାର ଲକ୍ଷ୍ୟ ହେଉଛି ମନ୍ଦିର, ଗବ୍ବର ପାହାଡ଼ ଏବଂ ମାନସରୋବରକୁ ସଂଯୁକ୍ତ କରିବା ସହିତ ପାର୍କିଂ ସୁବିଧା, ଅଣ୍ଡରପାସ୍ ଏବଂ ତୀର୍ଥଯାତ୍ରୀ କେନ୍ଦ୍ର ଭଳି ସୁବିଧାଗୁଡ଼ିକର ବିକାଶ କରିବା।

୨୪. ତ୍ରିପୁରା ସୁନ୍ଦରୀ ଏବଂ ଶ୍ରୀ ରାମ ଜନ୍ମଭୂମି ମନ୍ଦିର – ପରମ୍ପରା ଓ ନବଜାଗରଣ: ମା' ତ୍ରିପୁରା ସୁନ୍ଦରୀ ମନ୍ଦିର ନିକଟସ୍ଥ '୫୧ ଶକ୍ତିପୀଠ ପାର୍କ'ରେ ବିଭିନ୍ନ ଶକ୍ତିପୀଠର ପ୍ରତିକୃତି ସ୍ଥାପନ କରାଯାଇଛି। ଅଯୋଧ୍ୟାସ୍ଥିତ ଶ୍ରୀ ରାମ ଜନ୍ମଭୂମି ମନ୍ଦିରର ପ୍ରାଣ ପ୍ରତିଷ୍ଠା ୨୦୨୪ ମସିହା ଜାନୁଆରୀ ୨୨ ତାରିଖରେ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମୁଖ୍ୟ ଭାର-ବହନକାରୀ ଗଠନରେ ଲୁହାର ବ୍ୟବହାର କରାଯାଇନାହିଁ ଏବଂ ଏଥିରେ ପାରମ୍ପରିକ କାରୁକାର୍ଯ୍ୟ ସହିତ ଚମତ୍କାର ପଥର କାମର ସମାବେଶ ଘଟିଛି।

୨୫. ଗିଫ୍ଟ ସିଟି, ଧୋଲେରା ଏବଂ ଚାରଙ୍କା – ଭବିଷ୍ୟତର ଅର୍ଥନୀତି ଓ ଶକ୍ତି: ଗିଫ୍ଟ ସିଟି ହେଉଛି ଭାରତର ପ୍ରଥମ କାର୍ଯ୍ୟକ୍ଷମ ଆଇଏଫଏସସି ଏବଂ ପ୍ରଥମ 'ଗ୍ରୀନ୍‌ଫିଲ୍ଡ' ସ୍ମାର୍ଟ ସିଟି, ଯାହାର ମାଷ୍ଟର ପ୍ଲାନରେ ଡିଷ୍ଟ୍ରିକ୍ଟ କୁଲିଂ (ସାମୂହିକ ଶୀତଳୀକରଣ ବ୍ୟବସ୍ଥା), ସ୍ୱୟଂଚାଳିତ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ୟୁଟିଲିଟି ଟନେଲ୍ ଭଳି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ଧୋଲେରାରେ ପ୍ଲଟ୍ ଆବଣ୍ଟନ ପୂର୍ବରୁ ରାସ୍ତା, ଜଳ, ବିଦ୍ୟୁତ୍ ଏବଂ ଫାଇବର ସଂଯୋଗ ଭଳି ଭିତ୍ତିଭୂମିର ବିକାଶ କରାଯାଉଛି ଏବଂ ୨୦୨୪ ମସିହାରେ ଅନୁମୋଦିତ ସେମିକଣ୍ଡକ୍ଟର ପ୍ଲାଣ୍ଟ ସେଠାରେ ପ୍ରଥମ ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଭାବେ ସ୍ଥାପିତ ହେଉଛି। ଚାରଙ୍କା ସୋଲାର ପାର୍କ, ମିଳିତ ଭାବେ ବ୍ୟବହୃତ ଜମି, ରାସ୍ତା ଏବଂ ବିଦ୍ୟୁତ୍ ସଂଚାଳନ ଭିତ୍ତିଭୂମିର ଉପଯୋଗ କରି ବୃହତ ସ୍ତରରେ ସୌର ଶକ୍ତି ଉତ୍ପାଦନ ପାଇଁ ଏକ ମିଳିତ ପାର୍କ ମଡେଲ୍‌ର ପ୍ରଚଳନ କରିଥିଲା।





୨୫ ବର୍ଷ, ୨୫ଟି ପଦକ୍ଷେପ

ଜନସେବାରୁ ଜନ-ଅଂଶଗ୍ରହଣ

ଗୁଜୁରାଟରୁ ଆରମ୍ଭ ହୋଇଥିବା ବିକାଶ ଓ ସୁଶାସନର ଏହି ଯାତ୍ରାରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହାର ଲକ୍ଷ୍ୟ ହେଉଛି ସବୁଠାରୁ ଦୂରବର୍ତ୍ତୀ ସ୍ଥାନରେ ଥିବା ବ୍ୟକ୍ତିଙ୍କ ନିକଟରେ ସେବା ପହଞ୍ଚାଇବା, ସୁଯୋଗର ପରିସର ବୃଦ୍ଧି କରିବା ଏବଂ ନାଗରିକମାନଙ୍କ ଜୀବନଯାତ୍ରାକୁ ସହଜ କରିବା। ଏହି ୨୫ ବର୍ଷିଆ ଯାତ୍ରାର ମୂଳ କଥା ହେଉଛି ସୁଶାସନରୁ ସେବା, ସେବାରୁ ସଶକ୍ତିକରଣ ଏବଂ ସଶକ୍ତିକରଣରୁ ଏକ ବିକଶିତ ଭାରତ ଆଡ଼କୁ ଅଗ୍ରଗତି। ଏହି ୨୫ ବର୍ଷିଆ ଯାତ୍ରାର ୨୫ଟି ପ୍ରମୁଖ ପଦକ୍ଷେପ ନିମ୍ନରେ ଦିଆଗଲା:

୧. କନ୍ୟା କେଲବାଣୀ ଏବଂ ଶାଳା ପ୍ରବେଶୋତ୍ସବ

ମୋଟ ନାମଲେଖା ହାର ରେ ଉନ୍ନତି | ବିଦ୍ୟାଳୟ ଛାଡ଼ିବା ହାରରେ ହ୍ରାସ

- ୨୦୦୩ ମସିହାରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପଗୁଡ଼ିକ ବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟାକୁ କେବଳ ଏକ ପ୍ରଶାସନିକ ଲକ୍ଷ୍ୟରୁ ଏକ ସାମାଜିକ ଉତ୍ସବରେ ପରିଣତ କରିଥିଲା। ବିଦ୍ୟାଳୟରେ ପିଲାମାନଙ୍କର—ବିଶେଷକରି ଝିଅମାନଙ୍କର—ନାମଲେଖାକୁ ଉତ୍ସାହିତ କରିବା ପାଇଁ ମନ୍ତ୍ରୀ, ଅଧିକାରୀ, ଶିକ୍ଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଲୋକମାନେ ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ।

୨. ସ୍ୱାଗତ

ଲକ୍ଷ ଲକ୍ଷ ଅଭିଯୋଗ | ୯୯% ସମାଧାନ ହାର

- ୨୦୦୩ ମସିହାରେ ଆରମ୍ଭ ହୋଇଥିବା 'ସ୍ୱାଗତ' ପ୍ଲାଟଫର୍ମ ଏକ ଏଭଳି ବ୍ୟବସ୍ଥା ସ୍ଥାପନ କଲା ଯାହା ନାଗରିକମାନଙ୍କ ଅଭିଯୋଗକୁ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇବା ସହ ସେଗୁଡ଼ିକର ସମାଧାନ ଉପରେ ସ୍ୱଚ୍ଛ ତଦାରଖ ସୁନିଶ୍ଚିତ କଲା। ଲକ୍ଷ ଲକ୍ଷ ଅଭିଯୋଗର ସମାଧାନ କ୍ଷେତ୍ରରେ ୯୯% ସଫଳତା ହାର ସହିତ, ଏହି ପ୍ରଯୁକ୍ତିବିଦ୍ୟା ନାଗରିକ ଓ ପ୍ରଶାସନ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ ସାଜିଲା।

୩. ଜ୍ୟୋତିଗ୍ରାମ ଯୋଜନା

୧୮,୦୦୦ରୁ ଅଧିକ ଗ୍ରାମ | ଫିଡର୍ ପୃଥକୀକରଣ ମାଧ୍ୟମରେ ୨୪x୭ ବିଦ୍ୟୁତ୍ ସେବା

- ୨୦୦୬ ମସିହାରେ, ଫିଡର୍ ପୃଥକୀକରଣ ମାଧ୍ୟମରେ କୃଷି ଏବଂ ଘରୋଇ ବିଦ୍ୟୁତ୍ ଯୋଗାଣକୁ ଅଲଗା କରାଯାଇଥିଲା। ୧୮,୦୦୦ରୁ ଅଧିକ ଗ୍ରାମରେ ନିର୍ଭରଯୋଗ୍ୟ, ଥ୍ରୀ-ଫେଜ୍ ଏବଂ ୨୪-ଘଣ୍ଟିଆ ବିଦ୍ୟୁତ୍ ସେବା ପହଞ୍ଚିପାରିଥିଲା, ଯେତେବେଳେ କି କୃଷି ବିଦ୍ୟୁତ୍ ସବସିଡି ପ୍ରାୟ ଅଧାକୁ ହ୍ରାସ କରାଯାଇଥିଲା।

୪. ଗରିବ କଲ୍ୟାଣ ମେଳା

ଏପର୍ଯ୍ୟନ୍ତ ୩୬,୮୦୦ କୋଟି ଟଙ୍କାରୁ ଅଧିକ | ୧.୬୬ କୋଟି ହିତାଧିକାରୀ | ୧,୬୦୦ ମେଳା

- ୨୦୦୯ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ କଲ୍ୟାଣକାରୀ ଯୋଜନାଗୁଡ଼ିକୁ କେବଳ ସରକାରୀ ଫାଇଲ୍ ଓ ଦଲାଲମାନଙ୍କ ସୀମିତ ପରିସରରୁ ବାହାରକୁ ଆଣି, ସିଧାସଳଖ ଉଦ୍ଦିଷ୍ଟ ହିତାଧିକାରୀଙ୍କ ନିକଟରେ ସୁବିଧା ଓ ସହାୟତା ପହଞ୍ଚାଇଛି। ବର୍ତ୍ତମାନ ସୁଦ୍ଧା ୧,୬୦୦ରୁ ଅଧିକ ମେଳା ମାଧ୍ୟମରେ ୧.୬୬ କୋଟି ହିତାଧିକାରୀଙ୍କ ନିକଟରେ ୩୬,୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁବିଧା ପହଞ୍ଚିପାରିଛି।

୫. ବନବନ୍ଧୁ କଲ୍ୟାଣ ଯୋଜନା

୧୦-ପଏଣ୍ଟ ବିଶିଷ୍ଟ ବିକାଶ ଅଭିଯାନ

- ୨୦୦୬ ମସିହାରେ ଆରମ୍ଭ ହୋଇଥିବା ଏହି ୧୦-ପଏଣ୍ଟ କାର୍ଯ୍ୟକ୍ରମ 'ମିଶନ୍ ମୋଡ୍' ରେ ଆଦିବାସୀ ବିକାଶକୁ ଆଗକୁ ବଢ଼ାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ, ଜୀବିକା, ଦକ୍ଷତା ବିକାଶ, ଜଳସେଚନ, ଭିତ୍ତିଭୂମି ଏବଂ ବିଦ୍ୟୁତକରଣ ଭଳି ବିଷୟଗୁଡ଼ିକ ଉପରେ ଧ୍ୟାନ ଦେଇ ଆଦିବାସୀ ସମ୍ପ୍ରଦାୟକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା।



"ମୁଁ ସେଭଳି ବ୍ୟକ୍ତି ନୁହେଁ ଯିଏ ଛୋଟ କିମ୍ବା ସହଜ ଲକ୍ଷ୍ୟରେ ସନ୍ତୁଷ୍ଟ ହୋଇଯାଏ। ମୁଁ ଦେଶ ପାଇଁ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ସ୍ଥିର କରେ ଏବଂ ସେଗୁଡ଼ିକୁ ହାସଲ କରିବା ପାଇଁ ନିଜର ସର୍ବସ୍ୱ ଲଗାଇଦିଏ।

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

୬. ସାଗରଖେଡୁ ସର୍ବାଙ୍ଗୀଣ ବିକାଶ ଯୋଜନା

୬ ନିୟୁତ ଲୋକ | ୩,୦୦୦ ଉପକୂଳବର୍ତ୍ତୀ ଗ୍ରାମ

- ୨୦୦୭ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ ୩,୦୦୦ ଉପକୂଳବର୍ତ୍ତୀ ଗ୍ରାମ ଏବଂ ୬ ନିୟୁତରୁ ଅଧିକ ଲୋକଙ୍କ ପାଇଁ ଭିତ୍ତିଭୂମି, ଜୀବିକା, ଜଳସେଚନ, ଲବଣତା ନିୟନ୍ତ୍ରଣ, ମତ୍ସ୍ୟଚାଷ ଏବଂ ଉପକୂଳ ସୁରକ୍ଷା ଭଳି ବ୍ୟବସ୍ଥାଗୁଡ଼ିକୁ ଏକତ୍ରିତ କରାଯାଇଥିଲା। ଏହା ସହିତ ମତ୍ସ୍ୟଜୀବୀମାନଙ୍କୁ ଜିପିଏସ୍, ସୁରକ୍ଷା ସରଞ୍ଜାମ, ସୌର ଆଲୋକ ଏବଂ ବିପଦ ସୂଚନା ପ୍ରଦାନକାରୀ ବ୍ୟବସ୍ଥା ଭଳି ସୁବିଧା ମଧ୍ୟ ଯୋଗାଇ ଦିଆଯାଇଥିଲା।

୭. ଜନ ଧନ ଏବଂ ଡିବିଟି

୫୯ କୋଟିରୁ ଅଧିକ ଆକାଉଣ୍ଟ | ୩.୧୭ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା ରାଶି

- ୨୦୧୪ ମସିହାରେ, ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ଲକ୍ଷ୍ୟରେ 'ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା' ଅଧୀନରେ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ସେପ୍ଟେମ୍ବର ୨୦୨୬ ସୁଦ୍ଧା ୫୯ କୋଟିରୁ ଅଧିକ ଆକାଉଣ୍ଟ ଖୋଲାଯାଇଥିଲା ଏବଂ ଏଥିରେ ଜମା ରାଶି ୩.୧୭ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା। ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ନିକଟକୁ ସିଧାସଳଖ ଅର୍ଥ ପହଞ୍ଚିବା ସୁନିଶ୍ଚିତ କରାଯାଇଥିଲା; ଏଥିରେ ୫୩.୨୪ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ହସ୍ତାନ୍ତର କରାଯାଇଥିଲା, ଯାହା ଫଳରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ସଞ୍ଚୟ ହୋଇପାରିଥିଲା।

୮. ମେକ୍ ଇନ୍ ଇଣ୍ଡିଆ

୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଉତ୍ପାଦନ | ପିଏଲଆଇ ମାଧ୍ୟମରେ ୧୪ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି

- ପିଏଲଆଇ, ସେମିକଣ୍ଡକ୍ଟର ଏବଂ କମ୍ପୋନେଣ୍ଟ କାର୍ଯ୍ୟକ୍ରମ ସମେତ ବିଭିନ୍ନ ପଦକ୍ଷେପ ଯୋଗୁଁ, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୨୦୧୪-୧୫ରେ ୧.୯ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୫-୨୬ ସୁଦ୍ଧା ୧୩.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୧୪ଟି ପିଏଲଆଇ କ୍ଷେତ୍ର ମାଧ୍ୟମରେ ୧୪ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି।



୯. ସ୍ୱଚ୍ଛ ଭାରତ ମିଶନ୍

୧୨ କୋଟିରୁ ଅଧିକ ଶୌଚାଳୟ

- ୨୦୧୪ ମସିହାରେ ଆରମ୍ଭ ହୋଇଥିବା ଏହି ଅଭିଯାନ ସ୍ୱଚ୍ଛତାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରିଥିଲା। ଏହା ଅଧୀନରେ ୧୨ କୋଟିରୁ ଅଧିକ ଘରେ ଶୌଚାଳୟ ନିର୍ମାଣ କରାଯାଇଥିଲା ଏବଂ ୨୦୧୯ ସୁଦ୍ଧା ଗ୍ରାମଗୁଡ଼ିକୁ ଖୋଲା ସ୍ଥାନରେ ମଳତ୍ୟାଗ ମୁକ୍ତ (ଓଡିଏଫ) ଘୋଷଣା କରାଯାଇଥିଲା। 'ସ୍ୱଚ୍ଛତା ସର୍ବେକ୍ଷଣ' ବିଭିନ୍ନ ସହର ଓ ନଗର ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଏବଂ ନାଗରିକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ୨ ଅକ୍ଟୋବର ୨୦୧୪ରେ ନିଜେ ହାତରେ ଝାଡୁ ଧରି ଏହି ଅଭିଯାନର ନେତୃତ୍ୱ ନେଇଥିଲେ।

୧୦. ସାମାଜିକ ସୁରକ୍ଷା

୯୪ କୋଟି ଲୋକ | ସାମାଜିକ ସୁରକ୍ଷା ପରିସର: ୬୪.୩%

- ପିଏମ୍ ଜୀବନ ଜ୍ୟୋତି ବୀମା ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ୍ ଯୋଜନା ଏବଂ ଇ-ଶ୍ରମ ଭଳି ପଦକ୍ଷେପଗୁଡ଼ିକ ଆନୁଷ୍ଠାନିକ ନିଯୁକ୍ତି କ୍ଷେତ୍ର ବାହାରେ ଥିବା ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସମ୍ପ୍ରସାରିତ କରିଛି। ୨୦୨୫ ସୁଦ୍ଧା, ୯୪.୩ କୋଟି ଭାରତୀୟଙ୍କୁ ସାମାଜିକ ସୁରକ୍ଷା ପରିସର ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଫଳରେ ଏହି ପରିସର ୨୦୧୫ ମସିହାର ୧୯% ରୁ ବୃଦ୍ଧି ପାଇ ୬୪.୩% ରେ ପହଞ୍ଚିଛି।
- ନଭେମ୍ବର ୨୦୨୩ ରେ ଆରମ୍ଭ ହୋଇଥିବା 'ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ' (ପିଏମ ଜନମନ) ହେଉଛି ଏକ ଲକ୍ଷ୍ୟ-ଭିତ୍ତିକ ଅଭିଯାନ; ଏହାର ଉଦ୍ଦେଶ୍ୟ ହେଉଛି ଭାରତର ୭୫ଟି 'ବିଶେଷ ଭାବେ ଦୁର୍ବଳ ଆଦିବାସୀ ଗୋଷ୍ଠୀ' (ପିଭିଟିଜି) ଯେପରି ବିକାଶ ପ୍ରକ୍ରିୟାରୁ ବଞ୍ଚିତ ନ ରୁହନ୍ତି ତାହା ସୁନିଶ୍ଚିତ କରିବା। ଏଥିପାଇଁ ୨୪,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥରାଶିର ବ୍ୟବସ୍ଥା କରାଯାଇଛି।

୧୧. ସାଗରମାଳା କାର୍ଯ୍ୟକ୍ରମ

୮୪୫+ ପ୍ରକଳ୍ପ | ୬ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ

- ୨୦୧୫ ମସିହାରେ ଆରମ୍ଭ ହୋଇଥିବା ସାଗରମାଳା କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ବନ୍ଦରଗୁଡ଼ିକୁ ସଡ଼କ, ରେଳପଥ, ଶିଳ୍ପ ଏବଂ ଉପକୂଳବର୍ତ୍ତୀ ସମ୍ପ୍ରଦାୟ ସହିତ ସଂଯୁକ୍ତ କରିବା। ଏଥିପାଇଁ ୬.୦୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ୮୪୫ରୁ ଅଧିକ ପ୍ରକଳ୍ପ ଚିହ୍ନଟ କରାଯାଇଥିଲା ଏବଂ ସେଥିମଧ୍ୟରୁ ୩୧୫ଟି ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ସମ୍ପନ୍ନ ହୋଇସାରିଛି। ପ୍ରମୁଖ ବନ୍ଦରଗୁଡ଼ିକରେ ଜାହାଜଗୁଡ଼ିକର କାର୍ଯ୍ୟ ସମାପ୍ତ କରି ଫେରିବାର ହାରାହାରି ସମୟ (ଟର୍ଣ୍ଣ-ଆରାଉଣ୍ଡ ଟାଇମ୍) ୨୦୧୪ ମସିହାର ୯୬ ଘଣ୍ଟାରୁ ହ୍ରାସ ପାଇ ୨୦୨୫ ସୁଦ୍ଧା ପ୍ରାୟ ୪୯ ଘଣ୍ଟାରେ ପହଞ୍ଚିଛି। ଭାରତର ପ୍ରମୁଖ ବନ୍ଦରଗୁଡ଼ିକର କ୍ଷମତା ୨୦୧୪ ମସିହାର ୮୭୩ ଏମଟିପିଏ (ନିୟୁତ ଟନ୍ ପ୍ରତି ବର୍ଷ) ରୁ ବୃଦ୍ଧି ପାଇ ୨୦୨୬ ସୁଦ୍ଧା ପ୍ରାୟ ଦ୍ୱିଗୁଣିତ ହୋଇ ୧,୭୨୮ ଏମଟିପିଏ ରେ ପହଞ୍ଚିଛି।

୧୨. ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା

୫୭ କୋଟିରୁ ଅଧିକ ଋଣ | ୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ

- ୨୦୧୫ ମସିହାରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ବିନା ବନ୍ଧକରେ ଋଣ ପ୍ରଦାନ କରାଯାଇଥିଲା। ଏଥିରେ ୫୭ କୋଟିରୁ ଅଧିକ ଋଣ ଜରିଆରେ ୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ବଣ୍ଟନ କରାଯାଇଥିଲା। ମୋଟ ଋଣ ମଧ୍ୟରୁ ୬୮% ମହିଳାମାନଙ୍କୁ ଏବଂ ୫୧% ଏସସି/ଏସଟି/ ଓବିସି ବର୍ଗର ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ୨୦୨୪ ମସିହାରେ ଏହି ଯୋଜନା ଅଧୀନରେ ଋଣ ସୀମାକୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା।



୧୩. ଷ୍ଟାର୍ଟଅପ୍ ଇଣ୍ଡିଆ

୨.୫ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ | ୨୩.୩୬ ଲକ୍ଷରୁ ଅଧିକ ନିଯୁକ୍ତି

- ୨୦୧୬ ମସିହାରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଉଦ୍ୟୋଗୀକରଣକୁ ଏକ ଜାତୀୟ ଆକାଂକ୍ଷାରେ ପରିଣତ କରିଛି। ସେପ୍ଟେମ୍ବର ୨୦୨୬ ସୁଦ୍ଧା, ୨.୫ ଲକ୍ଷରୁ ଅଧିକ ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ୨୩ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିସାରିଛନ୍ତି। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ମଧ୍ୟରୁ ପ୍ରାୟ ଅଧା ଟିୟର-୨ ଏବଂ ଟିୟର-୩ ସହରରୁ ଆସିଥିବା ବେଳେ, ପ୍ରାୟ ୫୦% ଷ୍ଟାର୍ଟଅପ୍‌ରେ ଅତିକମରେ ଜଣେ ମହିଳା ନିର୍ଦ୍ଦେଶକ କିମ୍ବା ପାର୍ଟନର ରହିଛନ୍ତି।

୧୪. ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା: ଧୂଆଁରୁ ମୁକ୍ତି

ପ୍ରାୟ ୧୧ କୋଟିରୁ ଅଧିକ ସଂଯୋଗ

- ୨୦୧୬ ମସିହାରେ ଆରମ୍ଭ ହୋଇଥିବା ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ମେ' ୨୦୨୬ ସୁଦ୍ଧା ୧୦.୬ କୋଟିରୁ ଅଧିକ ମାଗଣା ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯାଇଥିଲା। ଏହା ଧୂଆଁ ସୃଷ୍ଟି କରୁଥିବା ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ମହିଳାମାନଙ୍କ ସ୍ୱାସ୍ଥ୍ୟ, ସମୟ ଏବଂ ସୁଯୋଗ ଉପରେ ସକାରାତ୍ମକ ପ୍ରଭାବ ପକାଇଥିଲା।

୧୫. ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ବିପ୍ଳବ - ୟୁପିଆଇ

୨୪,୧୬୨ କୋଟି କାରବାର | ୫୫+ କୋଟି ବ୍ୟବହାରକାରୀ

- ୨୦୧୬ ମସିହାରେ ଆରମ୍ଭ ହୋଇଥିବା ୟୁପିଆଇ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ଦୈନନ୍ଦିନ ଜୀବନର ଏକ ସୁବିଧାଜନକ ମାଧ୍ୟମରେ ପରିଣତ କରିଛି। ବାର୍ଷିକ କାରବାର ସଂଖ୍ୟା ୨୦୧୬ ରେ ୧.୬୮ କୋଟି ଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ତାହା ବୃଦ୍ଧି ପାଇ ୨୪,୧୬୨ କୋଟିରେ ପହଞ୍ଚିଛି। ଜୁନ୍ ୨୦୨୬ ସୁଦ୍ଧା ଏହି ପ୍ଲାଟଫର୍ମର ବ୍ୟବହାରକାରୀଙ୍କ ସଂଖ୍ୟା ୫୫.୫ କୋଟି ଥିଲା ଏବଂ ଜୁଲାଇ ୨୦୨୬ ସୁଦ୍ଧା ଏଥିରେ ୭୪୧ଟି ବ୍ୟାଙ୍କ ସାମିଲ ହୋଇସାରିଥିଲା। କାରବାରର ମୂଲ୍ୟ ୦.୦୭ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୩୧୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ୟୁପିଆଇ ୧୧ଟି ଦେଶରେ କାର୍ଯ୍ୟକ୍ଷମ ରହିଛି।

୧୬. ସାମଗ୍ରୀ ଓ ସେବା କର - ଜିଏସଟି

ଗୋଟିଏ ଦେଶ – ଗୋଟିଏ କର | ୨୦୨୫ ଆର୍ଥିକ ବର୍ଷରେ ୨୨ ଲକ୍ଷ କୋଟି ଟଙ୍କାରୁ ଅଧିକ ମୋଟ ଜିଏସଟି

- ୨୦୧୭ ମସିହାରେ କାର୍ଯ୍ୟକାରୀ ହୋଇଥିବା ଜିଏସଟି, ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ କରଗୁଡ଼ିକୁ ଏକୀକୃତ ବ୍ୟବସ୍ଥା ଅଧୀନକୁ ଆଣି 'ଗୋଟିଏ ଦେଶ, ଗୋଟିଏ କର, ଗୋଟିଏ ବଜାର'ର ଲକ୍ଷ୍ୟକୁ ସୁଦୃଢ଼ କରିଛି। କରଦାତାଙ୍କ ସଂଖ୍ୟା ୨୦୧୭ ରେ ୬୬.୫ ଲକ୍ଷରୁ ବୃଦ୍ଧି ପାଇ ୨୦୨୬ ମେ' ସୁଦ୍ଧା ୧.୬୫ କୋଟିରେ ପହଞ୍ଚିଥିଲା ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ଜିଏସଟି ସଂଗ୍ରହ ପରିମାଣ ୨୨.୨୭ ଲକ୍ଷ କୋଟି ଟଙ୍କା ରହିଥିଲା।

୧୭. ଆୟୁଷ୍ମାନ ଭାରତ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା

୫ ଲକ୍ଷ ଟଙ୍କାର ସୁରକ୍ଷା କଭର୍ | ୧୨ କୋଟିରୁ ଅଧିକ ପରିବାର ଏଥିରେ ଅନ୍ତର୍ଭୁକ୍ତ

- ଜୁନ୍ ୨୦୨୬ ସୁଦ୍ଧା, ୩୭,୪୧୩ଟି ସରକାରୀ ଓ ଘରୋଇ ହସ୍ପିଟାଲରେ ୧୨.୬୯ କୋଟି ରୋଗୀ ଚିକିତ୍ସା ସୁବିଧା ପାଇଥିଲେ, ଯାହା ଫଳରେ ସାଧାରଣ ଜନତାଙ୍କର ୧.୯୨ ଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇପାରିଥିଲା। ଏହି ଯୋଜନାକୁ ୭୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକମାନଙ୍କ ପାଇଁ ମଧ୍ୟ ସମ୍ପ୍ରସାରିତ କରାଯାଇଥିଲା।

୧୮. ଜଳ ଜୀବନ ମିଶନ୍

୧୨ କୋଟିରୁ ଅଧିକ ନୂତନ ଟ୍ୟାପ୍ ସଂଯୋଗ | ୮୨%ରୁ ଅଧିକ କ୍ଷେତ୍ରରେ ସୁବିଧା ଉପଲବ୍ଧ

- ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଏହି ମିଶନର ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳର ପରିବାରଗୁଡ଼ିକୁ ଟ୍ୟାପ୍ ଯୋଗେ ପାଣି ଯୋଗାଇବା। ଟ୍ୟାପ୍ ସଂଯୋଗ ଥିବା ଗ୍ରାମୀଣ ପରିବାର ସଂଖ୍ୟା ୩.୨୩ କୋଟିରୁ ବୃଦ୍ଧି ପାଇ ଜୁନ୍ ୨୦୨୬ ସୁଦ୍ଧା ପ୍ରାୟ ୧୬ କୋଟିରେ ପହଞ୍ଚିଛି। ଜଳର ଗୁଣବତ୍ତା ପରୀକ୍ଷା କରିବା ପାଇଁ ୫ ଲକ୍ଷରୁ ଅଧିକ 'ପାଣି ସମିତି' ଏବଂ ୨୪.୮ ଲକ୍ଷ ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

୧୯. ପିଏମ-କିଶାନ୍

୪ ଲକ୍ଷ କୋଟି ଟଙ୍କାରୁ ଅଧିକ | ୯.୪୪ କୋଟି ଚାଷୀ

- ୨୦୧୯ ମସିହାରୁ ଚାଷୀମାନେ ବାର୍ଷିକ ୬,୦୦୦ ଟଙ୍କା ତିନୋଟି କିସ୍ତିରେ ସିଧାସଳଖ ନିଜ ବ୍ୟାଙ୍କ ଖାତାରେ ପାଉଛନ୍ତି। ଜୁଲାଇ ୨୦୨୬ ସୁଦ୍ଧା ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ପ୍ରଦାନ କରାଯାଇସାରିଛି।

୨୦. ଲକ୍ଷପତି ଦିଦି ଏବଂ ନମୋ ଡ୍ରୋନ୍ ଦିଦି

୩ କୋଟିରୁ ଅଧିକ ଲକ୍ଷପତି ଦିଦି | ସ୍ୱୟଂ-ସହାୟକ ଗୋଷ୍ଠୀରେ ୧୦.୫୭ କୋଟି ମହିଳା

- 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ ଗ୍ରାମୀଣ ମହିଳାମାନଙ୍କୁ କେବଳ ସହାୟତା ଉପରେ ନିର୍ଭରଶୀଳ ନ ରହି, ବରଂ ସ୍ଥାୟୀ ଆୟର ସୁଯୋଗ ଏବଂ ଉଦ୍ୟୋଗୀକରଣ ସହିତ ଯୋଡ଼ି ସଶକ୍ତ କରିଛି। ମେ' ୨୦୨୬ ସୁଦ୍ଧା, ୩.୦୭ କୋଟି ମହିଳା 'ଲକ୍ଷପତି ଦିଦି' ହୋଇସାରିଥିଲେ ଏବଂ ୧୦.୫୭ କୋଟିରୁ ଅଧିକ ମହିଳା ସ୍ୱୟଂ-ସହାୟକ ଗୋଷ୍ଠୀରେ ସଂଗଠିତ ହୋଇଥିଲେ। 'ନମୋ ଡ୍ରୋନ୍ ଦିଦି' ଯୋଜନା ଅଧୀନରେ ୧୫,୦୦୦ ଡ୍ରୋନ୍ ନିୟୋଜିତ କରିବାକୁ ଲକ୍ଷ୍ୟ ରଖାଯାଇଛି।



୨୧. ଭାରତର ସୌର ବିପ୍ଳବ

୧୬୪ ଜିଡବ୍ଲ୍ୟୁ+ ସୌର ଶକ୍ତି | ୧୪.୮ ଜିଡବ୍ଲ୍ୟୁ ରୁଫ୍‌ଟପ୍ ସୌର ପ୍ଲାଣ୍ଟ

- ଗୁଜୁରାଟର ସୌର ଶକ୍ତି ସମ୍ବନ୍ଧୀୟ ପଦକ୍ଷେପଗୁଡ଼ିକରୁ ମିଳିଥିବା ଅଭିଜ୍ଞତା ସମଗ୍ର ଦେଶରେ ଏହାର ସମ୍ପ୍ରସାରଣ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା। ଭାରତର ସ୍ଥାପିତ ସୌର ଶକ୍ତି କ୍ଷମତା ୨୦୧୪ ମସିହାରେ ୨.୮ ଜିଡବ୍ଲ୍ୟୁ ଥିବାବେଳେ ଜୁଲାଇ ୨୦୨୬ ସୁଦ୍ଧା ତାହା ପ୍ରାୟ ୧୬୫ ଜିଡବ୍ଲ୍ୟୁକୁ ବୃଦ୍ଧି ପାଇଥିଲା। 'ପିଏମ୍ ସୂର୍ଯ୍ୟ ଘର ଯୋଜନା' ଅଧୀନରେ ୫୧ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ଅଗଷ୍ଟ ୨୦୨୬ ସୁଦ୍ଧା ୧୪.୮ ଗିଗାୱାଟ୍ କ୍ଷମତା ବିଶିଷ୍ଟ ରୁଫ୍‌ଟପ୍ ସୌର ପ୍ରକଳ୍ପ ସ୍ଥାପନ କରାଯାଇଥିଲା।

୨୨. ପିଏମ ସ୍ୱନିଧି

ପ୍ରାୟ ୭୮ ଲକ୍ଷରୁ ଅଧିକ ରାସ୍ତାକଡ଼ ବିକ୍ରେତା | ଟ.୧୮,୦୦୦ କୋଟିରୁ ଅଧିକ ଋଣ

- ୨୦୨୦ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନା, ବିନା ବନ୍ଧକରେ କାର୍ଯ୍ୟକ୍ଷମ ପୁଞ୍ଜି ପାଇଁ ଋଣ ଯୋଗାଇ ରାସ୍ତାକଡ଼ ବିକ୍ରେତାମାନଙ୍କୁ ଆନୁଷ୍ଠାନିକ ଆର୍ଥିକ ବ୍ୟବସ୍ଥା ସହିତ ଯୋଡ଼ିଥିଲା। ଅଗଷ୍ଟ ୨୦୨୬ ସୁଦ୍ଧା, ୭୮ ଲକ୍ଷରୁ ଅଧିକ ବିକ୍ରେତା ୧.୧୮ କୋଟିରୁ ଅଧିକ ଋଣ ଲାଭ କରିଥିଲେ।

୨୩. ପ୍ରଧାନମନ୍ତ୍ରୀ ଗତି ଶକ୍ତି

୧୬ଟି ମନ୍ତ୍ରଣାଳୟ | ଭିତ୍ତିଭୂମି ପାଇଁ ଏକ ସମନ୍ୱିତ ମ୍ୟାପ୍

- ୨୦୨୧ ମସିହାରେ ଶୁଭାରମ୍ଭ ହୋଇଥିବା ଏହି ଜାତୀୟ ମାଷ୍ଟର ପ୍ଲାନ୍ ୧୬ଟି ମନ୍ତ୍ରଣାଳୟ ଓ ବିଭାଗର ଭିତ୍ତିଭୂମି ସମ୍ବନ୍ଧୀୟ ତଥ୍ୟକୁ ଏକତ୍ରିତ କରିଥିଲା। ସଡ଼କ, ରେଳ, ବନ୍ଦର, ବିମାନବନ୍ଦର ଏବଂ ଲଜିଷ୍ଟିକ୍ସ ନେଟୱାର୍କର ମିଳିତ ସମୀକ୍ଷା ପ୍ରକଳ୍ପ ସମନ୍ୱୟକୁ ସୁଦୃଢ଼ କରିବା ସହ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାର ପଥ ପରିଷ୍କାର କରିଥିଲା। ବର୍ତ୍ତମାନ ଏହି ପ୍ଲାଟଫର୍ମ ମାଧ୍ୟମରେ ୧୦୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଚିହ୍ନଟ ଓ ମ୍ୟାପ୍ କରାଯାଉଛି।

୨୪. ସ୍ୱାମିତ୍ୱ ଏବଂ ପ୍ରାକୃତିକ କୃଷି

୩.୩୦ ଲକ୍ଷ ଗ୍ରାମରେ ସର୍ବେକ୍ଷଣ | ୩.୨୪ କୋଟି ସମ୍ପତ୍ତି କାର୍ଡ

- ସ୍ୱାମିତ୍ୱ ଯୋଜନା ଡ୍ରୋନ୍ ଏବଂ ଜିଆଇଏସ୍ ବ୍ୟବହାର କରି ଗ୍ରାମାଞ୍ଚଳର ସମ୍ପତ୍ତିର ସଠିକ୍ ମ୍ୟାପିଂ ମାଧ୍ୟମରେ ସମ୍ପତ୍ତିଗତ ଅଧିକାରକୁ ସୁଦୃଢ଼ କରିଛି। ଅଗଷ୍ଟ ୨୦୨୬ ସୁଦ୍ଧା ୩.୩୦ ଲକ୍ଷ ଗ୍ରାମରେ ସର୍ବେକ୍ଷଣ କରାଯାଇଥିଲା ଏବଂ ୩.୨୪ କୋଟି ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଥିଲା। ୨୦ ଲକ୍ଷରୁ ଅଧିକ ଚାଷୀ ଏବଂ ୧୦ ଲକ୍ଷ ହେକ୍ଟରରୁ ଅଧିକ ଜମିକୁ ପ୍ରାକୃତିକ କୃଷି ଅଧୀନକୁ ଅଣାଯାଇଥିଲା।

୨୫. କ୍ରୀଡ଼ା ରାଷ୍ଟ୍ର, ବିଜୟୀ ରାଷ୍ଟ୍ର

୧,୦୦୦ରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର | ୨,୬୦୦ରୁ ଅଧିକ କ୍ରୀଡ଼ାବିତ୍

- ୧,୦୦୦ରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର ଏବଂ ୨,୬୦୦ରୁ ଅଧିକ କ୍ରୀଡ଼ାବିତ୍‌ଙ୍କୁ ସହାୟତା ପ୍ରଦାନ କରାଯାଉଛି। ଟୋକିଓ ୨୦୨୦ରେ ସାତୋଟି ଅଲିମ୍ପିକ୍ ପଦକ, ଏସୀୟ କ୍ରୀଡ଼ାରେ ୧୦୬ଟି ପଦକ ଏବଂ ୨୦୨୨ରେ ଥୋମାସ୍ କପ୍‌ର ଐତିହାସିକ ବିଜୟ କ୍ରୀଡ଼ା କ୍ଷେତ୍ରରେ ବୃଦ୍ଧି ପାଉଥିବା ଏହି ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ଗତ ୧୩ ବର୍ଷ ମଧ୍ୟରେ, ଭାରତ ତିନୋଟି ପ୍ରମୁଖ କ୍ରୀଡ଼ା ମଞ୍ଚରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି: ଟୋକିଓ ୨୦୨୦ ଅଲିମ୍ପିକ୍ସରେ ୭ଟି ପଦକ, ହାଙ୍ଗଜୋ ୨୦୨୩ ଏସୀୟ କ୍ରୀଡ଼ାରେ ୧୦୭ଟି ପଦକ ଏବଂ ଗୋଲ୍ଡ କୋଷ୍ଟ ୨୦୧୮ କମନୱେଲଥ୍ ଗେମ୍ସରେ ୬୬ଟି ପଦକ ଲାଭ କରିଛି।





୨୫ଟି ଯୁଗାନ୍ତକାରୀ ପଦକ୍ଷେପ ଯାହା ଗଣ-ଆନ୍ଦୋଳନରେ ପରିଣତ ହେଲା

ଶାସନ କ୍ଷେତ୍ରରେ ୨୫ ବର୍ଷର ଏହି ଯାତ୍ରା ଭାରତରେ ଏକ ନୂତନ ଧାରା ସୃଷ୍ଟି କରିଛି ଏବଂ ପ୍ରତ୍ୟେକ ନାଗରିକ ତଥା ସରକାରଙ୍କ ମଧ୍ୟରେ ଏକ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଛି। ଏହି ଯାତ୍ରା ସମୟରେ ଏପରି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ଯାହା ଶାସନ ବ୍ୟବସ୍ଥା, ବିକାଶ, ଜନ-ଅଂଶଗ୍ରହଣ ଏବଂ ବିଶ୍ୱସ୍ତରରେ ଭାରତର ଭୂମିକା ପାଇଁ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହା ବିଭିନ୍ନ ଚିନ୍ତାଧାରାକୁ ଯୋଜନାର ରୂପ ଦେବା ଏବଂ ସେହି ଯୋଜନାଗୁଡ଼ିକୁ ଜନ-ଅଂଶଗ୍ରହଣ ସହିତ ଯୋଡ଼ିବାର ଏକ ସମନ୍ୱିତ ପ୍ରୟାସକୁ ପ୍ରତିଫଳିତ କରେ। ଏହି ପଦକ୍ଷେପଗୁଡ଼ିକ ଭାରତର ବିକାଶ ଯାତ୍ରାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ଦେଶ ତଥା ବିଶ୍ୱସ୍ତରରେ ନୂତନ ମାନକ ସ୍ଥାପନ କରିଛି।

୧. ଭାଇବ୍ରାଣ୍ଟ ଗୁଜୁରାଟ

୨୦୦୩ ମସିହାରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ, ଯାହା ବିଶ୍ୱକୁ ନିବେଶ ପାଇଁ ଗାନ୍ଧୀନଗରକୁ ଆମନ୍ତ୍ରଣ କରିଥିଲା, ତାହା ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରତିଯୋଗିତାର ଏକ ନୂତନ ମନୋଭାବ ସୃଷ୍ଟି କରିଥିଲା। ନିବେଶ ଆକର୍ଷଣ କରିବାର ଏହି ମଡେଲ୍—ଯେଉଁଥିରେ ସିଙ୍ଗଲ୍-ୱିଣ୍ଡୋ ମଞ୍ଜୁରୀ ବ୍ୟବସ୍ଥା ଏବଂ ଦୃଢ଼ ନୀତିଗତ ପ୍ରତିଶ୍ରୁତି ଅନ୍ତର୍ଭୁକ୍ତ ଥିଲା—ତାହା ପରବର୍ତ୍ତୀ ସମୟରେ ଅନ୍ୟ ରାଜ୍ୟଗୁଡ଼ିକ ଦ୍ୱାରା ମଧ୍ୟ ଗ୍ରହଣ କରାଯାଇଥିଲା।

୨. ରନ୍ ଉତ୍ସବ

୨୦୦୫ ମସିହାରେ ଆରମ୍ଭ ହୋଇଥିବା କଚ୍ଛର 'ରନ୍ ଉତ୍ସବ' ସ୍ଥାନୀୟ ସଙ୍ଗୀତ, କଳା, ହସ୍ତଶିଳ୍ପ ଏବଂ ଖାଦ୍ୟଶୈଳୀକୁ ପର୍ଯ୍ୟଟନ ସହିତ ଯୋଡ଼ିବାର ଏକ ମାଧ୍ୟମ ଭାବରେ କାର୍ଯ୍ୟ କରିଥିଲା। ଏହି ଦୂରବର୍ତ୍ତୀ ଲୁଣି ମରୁଭୂମି ଅଞ୍ଚଳ ଗ୍ରାମୀଣ ସାଂସ୍କୃତିକ ପର୍ଯ୍ୟଟନର ଏକ ଆଦର୍ଶ ମଡେଲ୍ ଭାବରେ ଉଭା ହୋଇଥିଲା; ଏହା କାରିଗରମାନଙ୍କୁ ନୂତନ ବଜାର ଯୋଗାଇବା ସହ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ଏକ ମଡେଲ୍‌ରେ ପରିଣତ ହୋଇଥିଲା।

୩. କୃଷି ମହୋତ୍ସବ

ବୈଜ୍ଞାନିକ, ଅଧିକାରୀ ଏବଂ ଚାଷୀଙ୍କୁ ସିଧାସଳଖ ସଂଯୁକ୍ତ କରିବା ଦ୍ୱାରା, କୃଷି ସମ୍ବନ୍ଧୀୟ ପରାମର୍ଶ ସେବାଗୁଡ଼ିକୁ କ୍ଷେତ୍ରସ୍ତରୀୟ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରାଯାଇଥିଲା। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ର ବ୍ୟବହାର ଏବଂ ନିରନ୍ତର ଆଲୋଚନା ମାଧ୍ୟମରେ କୃଷି କେବଳ ଏକ ମୌସୁମୀ ଭିତ୍ତିକ କାର୍ଯ୍ୟକଳାପରୁ ବଦଳି ଏକ ଜ୍ଞାନ-ଆଧାରିତ ସ୍ଥାୟୀ ଅଭିଯାନରେ ପରିଣତ ହୋଇଥିଲା।

୪. ବଞ୍ଚେ ଗୁଜୁରାଟ

"ସମଗ୍ର ରାଜ୍ୟ ଗୋଟିଏ ଘଣ୍ଟା ପାଇଁ ପଢ଼ିବ" - ଏହି ଆହ୍ୱାନ ପଠନ ଅଭ୍ୟାସକୁ ଏକ ବ୍ୟକ୍ତିଗତ ଅଭ୍ୟାସରୁ ଏକ ସାମୂହିକ ସାର୍ବଜନୀନ ସଂସ୍କୃତିରେ ରୂପାନ୍ତରିତ କରିଥିଲା। ଛାତ୍ରଛାତ୍ରୀ ଏବଂ ନାଗରିକମାନଙ୍କ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ପାଠାଗାରଗୁଡ଼ିକର ମଧ୍ୟ ଉନ୍ନତି କରାଯାଇଥିଲା।

୫. ଜନ ଅଂଶଗ୍ରହଣ

ଯୋଜନାର କେବଳ ନିଷ୍କ୍ରିୟ ହିତାଧିକାରୀରୁ ନାଗରିକମାନଙ୍କୁ ଶାସନ ବ୍ୟବସ୍ଥାର ଅଂଶୀଦାରରେ ପରିଣତ କରିବାର ଲକ୍ଷ୍ୟ ସୁନିଶ୍ଚିତ କଲା ଯେ ନୀତି ନିର୍ଦ୍ଧାରଣ, କାର୍ଯ୍ୟକାରିତା ଏବଂ ତଦାରଖ ପ୍ରକ୍ରିୟାରେ ସେମାନଙ୍କ ମତାମତ ଓ ପରାମର୍ଶକୁ ଅନ୍ତର୍ଭୁକ୍ତ କରାଯିବ। ଏହା ବିକାଶ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣର ଭାବନାକୁ ସୁଦୃଢ଼ କଲା।

୬. ମନ୍ କି ବାତ୍

ଏହି ମାସିକ ରେଡିଓ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଏବଂ ନାଗରିକମାନଙ୍କ ମଧ୍ୟରେ ଯୋଗାଯୋଗର ଏକ ଅନନ୍ୟ ମାଧ୍ୟମ ସ୍ଥାପନ କଲା। ବିଭିନ୍ନ ନୀତି, ପ୍ରଶଂସନୀୟ ପଦକ୍ଷେପ ଏବଂ ସାମାଜିକ ଅଭିଯାନ ଉପରେ ସରଳ ଆଲୋଚନା ସରକାରୀ ଯୋଗାଯୋଗକୁ କେବଳ ଔପଚାରିକ ଭାଷଣର ସୀମା ବାହାରକୁ ନେଇପାରିଛି।

୭. ଔପନିବେଶିକ ମାନସିକତାରୁ ମୁକ୍ତି

ରାସ୍ତା, ସହର, କୋଠାବାଡ଼ି ଏବଂ ଅନୁଷ୍ଠାନଗୁଡ଼ିକ ସହିତ ଜଡ଼ିତ ଔପନିବେଶିକ ନାମ ଓ ପ୍ରତୀକଗୁଡ଼ିକୁ ଦେଶୀୟ ପରିଚୟ ସହିତ ବଦଳାଇବାର ପ୍ରୟାସ, ଜନସାଧାରଣଙ୍କ ସ୍ମୃତି ଓ ସାଂସ୍କୃତିକ ଆତ୍ମବିଶ୍ୱାସକୁ ପୁନରୁଦ୍ଧାର କରିବାର ଏକ ମାଧ୍ୟମ ହୋଇଛି। ବର୍ତ୍ତମାନ ୨୦୩୫ ସୁଦ୍ଧା ଔପନିବେଶିକ ମାନସିକତାରୁ ସମ୍ପୂର୍ଣ୍ଣ ମୁକ୍ତି ହାସଲ କରିବା ପାଇଁ ଏକ ଲକ୍ଷ୍ୟ ସ୍ଥିର କରାଯାଇଛି।

୮. 'ଗିଭ୍ ଇଟ୍ ଅପ୍' ଅଭିଯାନ

ଏଲ୍‌ପିଜି ସବସିଡି ଛାଡ଼ିବା ପାଇଁ କରାଯାଇଥିବା ସ୍ୱେଚ୍ଛାକୃତ ଆହ୍ୱାନ ମିଳିତ ଦାୟିତ୍ୱବୋଧର ଭାବନାକୁ ବୃଦ୍ଧି କଲା। ୧.୧୩ କୋଟିରୁ ଅଧିକ ପରିବାର ଦ୍ୱାରା ସବସିଡି ଛାଡ଼ିବା ଫଳରେ ହୋଇଥିବା ସଞ୍ଚୟକୁ ଉଜ୍ଜ୍ୱଳା ଯୋଜନା ଅଧୀନରେ ସଂଯୋଗ ପ୍ରଦାନ କରିବା ପାଇଁ ବ୍ୟବହାର କରାଯାଇଥିଲା।



୯. ଆନ୍ତର୍ଜାତୀୟ ଯୋଗ ଦିବସ

ଯୋଗକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ କରାଯାଇଥିବା ପ୍ରୟାସ ଫଳରେ ଜୁନ୍ ୨୧ ତାରିଖକୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ସ୍ୱୀକୃତି ମିଳିଲା। ଫଳସ୍ୱରୂପ, ଭାରତର ଏହି ପରମ୍ପରା ଜନସ୍ୱାସ୍ଥ୍ୟ ପାଇଁ ଏକ ସାମୂହିକ ବିଶ୍ୱସ୍ତରୀୟ ଅଭିଯାନରେ ପରିଣତ ହେଲା ଏବଂ ବର୍ତ୍ତମାନ ଏହା ୧୯୦ରୁ ଅଧିକ ଦେଶରେ ପାଳନ କରାଯାଉଛି। ଚଳିତ ବର୍ଷ ଭାରତ ବାହାରେ ୧,୩୦୦ରୁ ଅଧିକ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଅନେକ ସ୍ଥାନରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ୍ୟ ସ୍ଥାପିତ ହୋଇଥିଲା।

୧୦. ବେଟି ବଚାଓ, ବେଟି ପଢ଼ାଓ

ପୂର୍ବରୁ ଲିଙ୍ଗାନୁପାତ ଥିଲା ପ୍ରତି ୧,୦୦୦ ପୁଅ ପିଛା ୯୧୮ ଝିଅ। ୨୦୧୫ ମସିହାରେ ଆରମ୍ଭ ହୋଇଥିବା 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନା ମାଧ୍ୟମରେ ବାଳିକାମାନଙ୍କ ଜୀବନ, ଶିକ୍ଷା ଏବଂ ଅଧିକାରକୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଆଇନଗତ ପଦକ୍ଷେପ ସହିତ ଯୋଡ଼ି ଏକ ସମନ୍ୱିତ ଅଭିଯାନର ରୂପ ଦିଆଗଲା। ବାଳିକାମାନଙ୍କ ଜୀବନ ଓ ଶିକ୍ଷାର ସୁରକ୍ଷା ଏକ ଜାତୀୟ ଲକ୍ଷ୍ୟରେ ପରିଣତ ହେଲା।

୧୧. ଲୋକମାନଙ୍କର ପଦ୍ମ ପୁରସ୍କାର

ପଦ୍ମ ପୁରସ୍କାର ପାଇଁ ଚୟନ ପ୍ରକ୍ରିୟାକୁ ବ୍ୟାପକ କରିବା ଦ୍ୱାରା ଗ୍ରାମାଞ୍ଚଳ, ଦୁର୍ଗମ ଅଞ୍ଚଳ ଏବଂ ତୃଣମୂଳ ସ୍ତରରୁ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିପାରିଲା। ଜାତୀୟ ସ୍ତରର ସମ୍ମାନ କେବଳ ବିଶିଷ୍ଟ ବର୍ଗର ଲୋକଙ୍କ ମଧ୍ୟରେ ସୀମିତ ନ ରହି ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଉତ୍କର୍ଷତା ଉପରେ କେନ୍ଦ୍ରିତ ହେଲା। ଲୋକଲୋଚନକୁ ଆସିନଥିବା ନାୟକମାନଙ୍କୁ ଚିହ୍ନଟ କରି ସମ୍ମାନିତ କରିବାର ଏକ ନୂତନ ପରମ୍ପରା ସୃଷ୍ଟି ହେଲା।

୧୨. ଏକ ଭାରତ, ଶ୍ରେଷ୍ଠ ଭାରତ

ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଭାଷା, ଶିକ୍ଷା, ସଂସ୍କୃତି, ଖାଦ୍ୟପେୟ ଏବଂ ପର୍ବପର୍ବାଣିର ଆଦାନପ୍ରଦାନ ମାଧ୍ୟମରେ ଏକତାକୁ କେବଳ ଏକ ସାମ୍ବିଧାନିକ ନୀତିରୁ ବାହାରକୁ ଆଣି ଏକ ଜୀବନ୍ତ ଅନୁଭୂତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଗଲା।

୧୩. ୟୁପିଆଇ: ଏକ କ୍ରାନ୍ତିକାରୀ ଏବଂ ଗଣତାନ୍ତ୍ରିକ ପଦକ୍ଷେପ

ଡିଜିଟାଲ ପେମେଣ୍ଟକୁ କେବଳ ଏକ ଉତ୍ପାଦ ବ୍ରାଣ୍ଡ ପରିବର୍ତ୍ତେ ସାର୍ବଜନୀନ ଭିତ୍ତିଭୂମି ଭାବରେ ବିକଶିତ କରିବାର ଦୃଷ୍ଟିକୋଣ ପେମେଣ୍ଟକୁ ତୁରନ୍ତ, ମାଗଣା ଏବଂ ସର୍ବବ୍ୟାପୀ କରିଥିଲା। ୟୁପିଆଇ ଭାରତର ଡିଜିଟାଲ ପେମେଣ୍ଟ ପରିଦୃଶ୍ୟକୁ ପରିବର୍ତ୍ତନ କରିଥିଲା।

୧୪. 'ଖେଳ ମହାକୁମ୍ଭ'ରୁ 'ଖେଲୋ ଇଣ୍ଡିଆ'

ଗ୍ରାମ ଓ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ପ୍ରତିଯୋଗିତାକୁ ସମ୍ପ୍ରସାରିତ କରିବା ଦ୍ୱାରା, କେବଳ ବଡ଼ ସହର ଓ ନିର୍ଦ୍ଦିଷ୍ଟ ଏକାଡେମୀ ବାହାରେ ମଧ୍ୟ ପ୍ରତିଭା ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରାଯାଇପାରିଲା। ଯୁବ ବିକାଶ ପାଇଁ କ୍ରୀଡ଼ାକୁ ଏକ ସାମଗ୍ରିକ ମାଧ୍ୟମ ଭାବରେ ପ୍ରତିଷ୍ଠା କରାଗଲା।

୧୫. ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ (ଓଡିଓପି)

ପ୍ରତ୍ୟେକ ଜିଲ୍ଲାର ସ୍ୱତନ୍ତ୍ର ଉତ୍ପାଦକୁ ବ୍ରାଣ୍ଡିଂ, ଜିଆଇ ଟ୍ୟାଗିଂ, ଇ-କମର୍ସ ଏବଂ ରପ୍ତାନି ସହାୟତା ସହିତ ଯୋଡ଼ିବା ଦ୍ୱାରା ସ୍ଥାନୀୟ ଅର୍ଥନୀତି ଏକ ନୂତନ ପରିଚୟ ଲାଭ କଲା। କାରିଗର ଓ ଚାଷୀଙ୍କ ପାଇଁ ବଜାର ସୁବିଧା ବୃଦ୍ଧି ପାଇଲା।

୧୬. ଆକାଂକ୍ଷୀ ଜିଲ୍ଲା ଏବଂ ଭାଇବ୍ରାଣ୍ଟ ଭିଲେଜ୍

ରିଅଲ୍-ଟାଇମ୍ ତଥ୍ୟ, ମାନ୍ୟତା (ରାଙ୍କିଂ) ଏବଂ ଲକ୍ଷ୍ୟ-ଭିତ୍ତିକ ଯୋଜନା ମାଧ୍ୟମରେ ପଛୁଆ ଅଞ୍ଚଳଗୁଡ଼ିକରେ ପ୍ରତିଯୋଗିତାମୂଳକ ବିକାଶର ସଂସ୍କୃତିକୁ ପ୍ରୋତ୍ସାହିତ କରାଗଲା। ଏପରିକି ସବୁଠାରୁ ଦୁର୍ଗମ ଅଞ୍ଚଳଗୁଡ଼ିକୁ ମଧ୍ୟ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରାଗଲା।

୧୭. ପରୀକ୍ଷା ପେ ଚର୍ଚ୍ଚା

ଆଲୋଚନାର ଏକ ନୂତନ ପରମ୍ପରା ସ୍ଥାପନ କରାଗଲା। ପରୀକ୍ଷାଜନିତ ଚାପକୁ ସାର୍ବଜନୀନ ଆଲୋଚନାର ବିଷୟବସ୍ତୁ କରିବା ଦ୍ୱାରା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ବୃଦ୍ଧି ପାଇଲା। ଏହି ପଦକ୍ଷେପ ପରୀକ୍ଷା ପ୍ରତି ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିଲା—ପରୀକ୍ଷାକୁ ଚାପର କାରଣ ଭାବରେ ନୁହେଁ ବରଂ ସୁଯୋଗ ଭାବରେ ଦେଖିବାକୁ ପ୍ରୋତ୍ସାହିତ କଲା—ଏବଂ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କଲା।



> "ଦେଶ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ଏବଂ ଭୟଙ୍କର ବାତ୍ୟାର ମୁକାବିଲା କରିଛି; ତଥାପି ଏହା ଅତ୍ୟନ୍ତ ଦୃଢ଼ ମନୋବଳ ସହ ସେଗୁଡ଼ିକର ସାମ୍ନା କରିଛି।
>
> *ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ*



୧୮. ଷ୍ଟାଚ୍ୟୁ ଅଫ୍ ୟୁନିଟି

ପର୍ଯ୍ୟଟନ, ମନୋରଞ୍ଜନ ଏବଂ ସମ୍ମିଳନୀ ଆୟୋଜନ ସୁବିଧାଗୁଡ଼ିକୁ ଏକତ୍ରିତ କରି ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି (୧୮୨ ମିଟର) କୁ ଅର୍ଥନୈତିକ କାର୍ଯ୍ୟକଳାପର ଏକ କେନ୍ଦ୍ରରେ ପରିଣତ କରାଯାଇଥିଲା। ଏହି ସ୍ମାରକୀ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ଏକ ଭିତ୍ତିଭୂମି ସୃଷ୍ଟି କରିଥିଲା, ଯାହା ଫଳରେ ମାତ୍ର ପ୍ରଥମ ସାତ ବର୍ଷ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ୨.୭୫ କୋଟି ଅତିକ୍ରମ କରିଥିଲା।

୧୯. ବନ୍ଦେ ଭାରତ ଟ୍ରେନ୍

ସ୍ୱଦେଶୀ ଡିଜାଇନ୍ ଏବଂ ଉତ୍ପାଦନ କ୍ଷମତା ମାଧ୍ୟମରେ ଆଧୁନିକ ରେଳ ଯାତ୍ରାକୁ ଏକ ନୂତନ ରୂପ ଦିଆଯାଇଥିଲା। ଏହି ଟ୍ରେନ୍‌ଗୁଡ଼ିକ ଭାରତର ଛଟିଳ ରେଳ ବ୍ୟବସ୍ଥା ମଧ୍ୟରେ ଆତ୍ମନିର୍ଭରଶୀଳତାର ଉଦାହରଣ ପାଲଟିବା ସହ ସ୍ୱଦେଶୀ ଉଦ୍ଭାବନ, ଆରାମଦାୟକ ଅନୁଭୂତି ଏବଂ ସୁଗମ ଯାତ୍ରାର ପ୍ରତୀକ ହୋଇପାରିଛି।

୨୦. ଆତ୍ମନିର୍ଭର ଭାରତ

ପ୍ରତିରକ୍ଷା, ଔଷଧ ନିର୍ମାଣ, ସେମିକଣ୍ଡକ୍ଟର, ସୌର ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କ୍ଷମତା ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। 'ଉତ୍ପାଦନ-ଭିତ୍ତିକ ପ୍ରୋତ୍ସାହନ' (ପିଏଲଆଇ) ଯୋଜନା ଆତ୍ମନିର୍ଭରଶୀଳତା ଏବଂ ପ୍ରତିଯୋଗିତାମୂଳକ ମନୋଭାବ ମଧ୍ୟରେ ସଫଳ ସମନ୍ୱୟ ସ୍ଥାପନ କରିଥିଲା ଏବଂ ଆତ୍ମନିର୍ଭରଶୀଳତାର ଆହ୍ୱାନ ଏକ ଜନ-ଆନ୍ଦୋଳନର ରୂପ ନେଇଥିଲା।

୨୧. ସ୍ଥାନୀୟ ଉତ୍ପାଦର ପ୍ରୋତ୍ସାହନ

'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନ ମାଧ୍ୟମରେ ଗ୍ରାହକମାନଙ୍କୁ ସ୍ଥାନୀୟ ଉତ୍ପାଦକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ କରାଯାଇଥିଲା। ଏହା କାରିଗର, ହସ୍ତତନ୍ତ କ୍ଷେତ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କୁ ବଜାର ଚାହିଦା ସହିତ ଯୋଡ଼ିବା ଦିଗରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା।

୨୨. ମିଶନ୍ ଲାଇଫ୍: ପରିବେଶ-ଅନୁକୂଳ ଜୀବନଶୈଳୀ

ଜଳବାୟୁ ପରିବର୍ତ୍ତନର ସମାଧାନକୁ ସରକାର ଏବଂ ଶିଳ୍ପ ବାହାରେ ବିସ୍ତାର କରାଯାଇ ବ୍ୟକ୍ତିଗତ ଜୀବନଶୈଳୀକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସଚେତନ ଏବଂ ନିୟନ୍ତ୍ରିତ ବ୍ୟବହାରକୁ ଏକ ସହଭାଗୀ ଦାୟିତ୍ୱ ଭାବରେ ଗୁରୁତ୍ୱାରୋପ କରାଯାଇଥିଲା।

୨୩. ଶ୍ରୀ ଅନ୍ନ (ମିଲେଟ୍ ବା ମୋଟା ଶସ୍ୟ)

ବାଜରା, ଜୋଆର ଏବଂ ମାଣ୍ଡିଆ ଭଳି ପାରମ୍ପାରିକ ଫସଲକୁ ଉତ୍ପାଦନ ସହାୟତା, ସାର୍ବଜନୀନ ବିତରଣ ବ୍ୟବସ୍ଥା (ପିଡିଏସ୍), ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏବଂ ରପ୍ତାନି ପ୍ରୋତ୍ସାହନ ସହିତ ଯୋଡ଼ି ପୁଷ୍ଟିସାଧନ ଓ ଜଳବାୟୁ-ଅନୁକୂଳ କୃଷିକୁ ପ୍ରୋତ୍ସାହିତ କରାଯାଇଥିଲା। ଭାରତର ପ୍ରସ୍ତାବ କ୍ରମେ, ମିଳିତ ଜାତିସଂଘ ୨୦୨୩ ମସିହାକୁ 'ଆନ୍ତର୍ଜାତୀୟ ମିଲେଟ୍ ବର୍ଷ' ଭାବରେ ଘୋଷଣା କରିଥିଲା, ଯାହା ବର୍ଷା-ନିର୍ଭରଶୀଳ କୃଷିରେ ନିୟୋଜିତ ଚାଷୀଙ୍କୁ ଏକ ଲାଭଦାୟକ ଫସଲ ଯୋଗାଇ ଦେଇଥିଲା।

୨୪. ନାରୀ ଶକ୍ତି ବନ୍ଦନ ଅଧିନିୟମ

ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷଣର ବ୍ୟବସ୍ଥା ମହିଳାଙ୍କ ରାଜନୈତିକ ପ୍ରତିନିଧିତ୍ୱକୁ ଏକ ସାଂସ୍ଥାନିକ ରୂପ ପ୍ରଦାନ କରେ। ଏହା ପଞ୍ଚାୟତ ସ୍ତରରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ମହିଳା-ନେତୃତ୍ୱାଧୀନ ବିକାଶ ଦିଗରେ ଗତିକୁ ସୁଦୃଢ଼ କରିଥିଲା।

୨୫. ଶାନ୍ତି ମାଧ୍ୟମରେ ଭାରତର ପରମାଣୁ କ୍ଷେତ୍ରରେ ପୁନଃ-ସକ୍ରିୟତା

ଆଧୁନିକ ଉତ୍ତରଦାୟିତ୍ୱ ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ଅଧୀନରେ ବେସରକାରୀ ଓ ବିଦେଶୀ ଅଂଶଗ୍ରହଣ ପାଇଁ ନାଗରିକ ପରମାଣୁ ଶକ୍ତି କ୍ଷେତ୍ରକୁ ଉନ୍ମୁକ୍ତ କରିବାକୁ ଏକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶକ୍ତି ସୁରକ୍ଷା, ସ୍ୱଚ୍ଛ ବେସ୍-ଲୋଡ୍ (ନିରନ୍ତର) ବିଦ୍ୟୁତ୍ ଏବଂ ଦୀର୍ଘକାଳୀନ କ୍ଷମତା ସମ୍ପ୍ରସାରଣ ପାଇଁ ନୂତନ ମାନଦଣ୍ଡ ସ୍ଥିର କରିବା ଏହି ପ୍ରୟାସର ଲକ୍ଷ୍ୟ ଥିଲା।



୨୫ଟି ଚିନ୍ତାଧାରା ଯାହା ଦିଗ ଓ ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛି

ସୁଶାସନର ୨୫ ବର୍ଷର ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ଚିନ୍ତାଧାରା ଓ ପ୍ରତିଷ୍ଠାନଗତ ପଦକ୍ଷେପ ଆରମ୍ଭ କରିଛନ୍ତି ଯାହା ରାଜ୍ୟ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏଗୁଡ଼ିକ କେବଳ ବିଭିନ୍ନ ଯୋଜନାରେ ସୀମିତ ନ ରହି ସୁଶାସନର କାର୍ଯ୍ୟପ୍ରଣାଳୀକୁ ନୂତନ ରୂପ ପ୍ରଦାନ କରିଛି । ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ କେବଳ ବ୍ୟବସ୍ଥାକୁ ଜାରି ରଖିବା ନଥିଲା; ବରଂ ଏହାକୁ ପ୍ରତିଷ୍ଠାନଗତ ଭାବେ ପରିବର୍ତ୍ତନ ଘଟାଇବା ଥିଲା । ଏହି ପରିବର୍ତ୍ତନରେ ସରକାରଙ୍କ ଠାରୁ ଦାୟିତ୍ୱ ସମୁଦାୟ ନିକଟକୁ ବିକେନ୍ଦ୍ରୀକୃତ ହୋଇଛି, ନାଗରିକମାନେ ନୀତି ପ୍ରକ୍ରିୟାରେ ସକ୍ରିୟ ଅଂଶୀଦାର ହେଲେ, ପ୍ରଯୁକ୍ତି ଏକ ସାର୍ବଜନୀନ ଭିତ୍ତିଭୂମି ଭାବେ କାର୍ଯ୍ୟ କରୁଛି ଏବଂ ଜାତୀୟ ପ୍ରୟାସଗୁଡ଼ିକୁବିଶ୍ୱସ୍ତରୀୟ ମଞ୍ଚ ପ୍ରଦାନ କରିଛି ।

୧. **ଜଳ ଓ ପରିମଳ ପରିଚାଳନା ସଂଗଠନ (ଡବ୍ଲୁ.ଏସ.ଏମ.ଓ.), ଗୁଜରାଟ (୨୦୦୩)** – ଗ୍ରାମୀଣ ଜଳ ଯୋଜନାଗୁଡ଼ିକର ଦାୟିତ୍ୱ ସରକାରଙ୍କ ଠାରୁ ଗ୍ରାମଗୁଡ଼ିକୁ ହସ୍ତାନ୍ତର କରାଗଲା । 'ପାଣି ସମିତି' (ଜଳ କମିଟି)ଗୁଡ଼ିକୁ ଯୋଜନା ପ୍ରସ୍ତୁତି, ନିର୍ମାଣ, ପରିଚାଳନା ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ପ୍ରଦାନ କରାଯାଇଛି । ମହିଳାମାନଙ୍କ ଅଂଶଗ୍ରହଣ ଏହି ପଦକ୍ଷେପକୁ ଏକ ସମୁଦାୟ-ନେତୃତ୍ୱାଧୀନମଡେଲେରେ ପରିଣତ କଲା, ଯାହାକୁ ପରବର୍ତ୍ତୀ ସମୟରେ ଜଳ ଜୀବନ ମିଶନରେ ମଧ୍ୟ ଗ୍ରହଣ କରାଯାଇଛି ।

୨. **ଏସଡିଏମ୍ଏ (୨୦୦୩)** – ଭୁଜ୍ ଭୂମିକମ୍ପ ପରେ ଗୁଜରାଟ ବିପର୍ଯ୍ୟୟ ପରିଚାଳନାକୁ କେବଳ ରିଲିଫ୍ କାର୍ଯ୍ୟରେ ସୀମିତ ରଖିବା ପରିବର୍ତ୍ତେ ପ୍ରସ୍ତୁତି, କ୍ଷମତା ବିକାଶ ଓ ବିପଦ ହ୍ରାସ ଉପରେ ଗୁରୁତ୍ୱ ଦେଇ ଏକ ଆଇନଗତ ଓ ପ୍ରତିଷ୍ଠାନଗତ ଢାଞ୍ଚା ସ୍ଥାପନ କଲା । ୨୦୦୫ ମସିହାରେ ଜାତୀୟ ସ୍ତରରେ ମଧ୍ୟ ଏହିପରି ଏକ ବ୍ୟବସ୍ଥା ସ୍ଥାପିତ ହେଲା ।

୩. **ବିଶେଷ କ୍ଷେତ୍ର ପାଇଁ ବିଶ୍ୱବିଦ୍ୟାଳୟ** – ଫରେନସିକ୍ ବିଜ୍ଞାନ, ଆଭ୍ୟନ୍ତରୀଣ ସୁରକ୍ଷା, ଶକ୍ତି, କ୍ରୀଡ଼ା, ଶିକ୍ଷା, ସଂସ୍କୃତ ଓ ଯୋଗ ଭଳି କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଗଲା । ଏହା ନିର୍ଦ୍ଦିଷ୍ଟ କ୍ଷେତ୍ରର ଆବଶ୍ୟକତା ଅନୁଯାୟୀ ପ୍ରତିଭା ବିକାଶ ପାଇଁ ଏକ ପ୍ରତିଷ୍ଠାନଗତ ଭିତ୍ତିଭୂମି ସୃଷ୍ଟି କଲା ।

୪. **ଗିଫ୍ଟ ସିଟି (୨୦୦୭)** – ଭାରତରେ ଅନ୍ତର୍ଜାତୀୟ ଆର୍ଥିକ ସେବା ପାଇଁ ଏକ ଗ୍ରୀନଫିଲ୍ଡ ହବ୍ ବିକଶିତ କରାଯାଇଥିଲା। ଏହା ମାଧ୍ୟମରେ ବିଶ୍ୱସ୍ତରୀୟ ଆର୍ଥିକ କାର୍ଯ୍ୟକଳାପ ପାଇଁ ଏକ ନୂତନ ପ୍ଲାଟଫର୍ମ ସୃଷ୍ଟି ହେଲା, ଯେଉଁଥିରେ ଏକକ ନିୟାମକ ବ୍ୟବସ୍ଥା ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ସହ ସମନ୍ୱିତ ପ୍ରଣାଳୀ ରହିଛି ।

୫. **ପୃଥକ ଜଳବାୟୁ ପରିବର୍ତ୍ତନ ବିଭାଗ (୨୦୦୯)** – ଜଳବାୟୁ ପରିବର୍ତ୍ତନର ମୁକାବିଲା ସରକାରଙ୍କ ଏକ ସ୍ଥାୟୀ ଦାୟିତ୍ୱରେ ପରିଣତ ହେଲା । ନବୀକରଣଯୋଗ୍ୟ ଶକ୍ତି, ଜଳ ସଂରକ୍ଷଣ, ନିର୍ଗମନ ହ୍ରାସ ଏବଂ ଜଳବାୟୁ- ଅନୁକୂଳ ଯୋଜନା ପାଇଁ ସରକାର ଏକ ସ୍ୱତନ୍ତ୍ରବଜେଟାରୀ ଏବଂ ପ୍ରଶାସନିକ ଢାଞ୍ଚା ସ୍ଥାପନ କଲେ ।

୬. **ମାଇଁ ଗଭ୍ (୨୦୧୪)** – ଏହି ପ୍ଲାଟଫର୍ମ ନାଗରିକମାନଙ୍କୁ ସରକାରୀ ପଦକ୍ଷେପଗୁଡ଼ିକରେ ସାର୍ଥକ ଭାବେ ଅଂଶଗ୍ରହଣ କରିବାର ଏକ ମାଧ୍ୟମ ଭାବେ କାର୍ଯ୍ୟ କରେ । ଏହା ଫଳରେ ଜନସାଧାରଣଙ୍କ ଭୂମିକା କେବଳ ଦର୍ଶକରୁ ସକ୍ରିୟ ଅଂଶଗ୍ରହଣକାରୀରେ ପରିଣତ ହେଲା ।

୭. **ନୀତି ଆୟୋଗ (୨୦୧୫)** – ନୀତି ଆୟୋଗ ପ୍ଲାନିଂ କମିଶନର ସ୍ଥାନ ଗ୍ରହଣ କରିଛି। ରାଜ୍ୟଗୁଡ଼ିକ ସହ ଆଲୋଚନା, ଷ୍ଟେଟ୍ ସପୋର୍ଟ ମିଶନ୍ ଏବଂ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ମାଧ୍ୟମରେ ନୀତି ନିର୍ମାଣକୁ ପରିଣାମମୁଖୀ କରାଯାଇଥିଲା ଏବଂ ସହଯୋଗୀ ସଂଘୀୟତାକୁ ଗୁରୁତ୍ୱ ଦିଆଯାଇଥିଲା ।

୮. **aପ୍ରଗତି (୨୦୧୫)** – ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବ୍ୟବସ୍ଥା ସ୍ଥାପିତ ହେଲା, ଯାହା ଦୀର୍ଘ ବର୍ଷ ଧରି ଅଟକି ରହିଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରେ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରୀ ଅଧିକାରୀମାନଙ୍କୁ ମିଳିତ ଭାବେ ଦାୟୀ କରେ । ଏକୀକୃତ ପ୍ଲାଟଫର୍ମରେ ପ୍ରକଳ୍ପର ଅଗ୍ରଗତି ଏବଂ ସମସ୍ୟାଗୁଡ଼ିକ ଦୃଶ୍ୟମାନ ହେଲା ।





୯. **ଆନ୍ତର୍ଜାତୀୟ ସୌର ସଂଗଠନ (୨୦୧୫) –** ଭାରତ ଏବଂ ଫ୍ରାନ୍ସର ପଦକ୍ଷେପରେ ସୌର ଶକ୍ତି ପାଇଁ ଏକ ଚୁକ୍ତିଭିତ୍ତିକ ଆନ୍ତର୍ଜାତୀୟ ସଂଗଠନ ଗଠିତ ହୋଇଥିଲା। ସାମୂହିକ କ୍ରୟ, ମାନକୀକରଣ, ପ୍ରକଳ୍ପ ପ୍ରସ୍ତୁତି ଏବଂ ଅର୍ଥାୟନ ଭଳି ବ୍ୟବସ୍ଥା ମାଧ୍ୟମରେ ସୌର ଶକ୍ତି ବିଶ୍ୱସ୍ତରୀୟ ସହଯୋଗର ଏକ ମୁଖ୍ୟ ଭିତ୍ତିରେ ପରିଣତ ହୋଇଥିଲା ।

୧୦. **ଡିଜିଟାଲ ପବ୍ଲିକ୍ ଇନଫ୍ରାଷ୍ଟ୍ରକଚର (ଡି.ପି.ଆଇ.) (୨୦୧୬) –** ଆଧାର, ୟୁ.ପି.ଆଇ. ଏବଂ ଆକାଉଣ୍ଟ୍ ଏଗ୍ରିଗେଟର ଭଳି ଖୋଲା ଡିଜିଟାଲ ଢାଞ୍ଚା ସୃଷ୍ଟି କରାଯାଇଛି । ଏହା ମାଧ୍ୟମରେ ବ୍ୟାଙ୍କ, ଷ୍ଟାର୍ଟ ଅପ୍ ଏବଂ ସରକାରଗୁଡ଼ିକ ଏହା ଉପରେ ନୂତନ ସେବା ଗଢ଼ିବାର ସୁଯୋଗ ପାଇଛନ୍ତି । ସାର୍ବଜନୀନ ଡିଜିଟାଲ ସୁବିଧାଗୁଡ଼ିକ ଏକ ସାଧାରଣ ଭିତ୍ତିରେ ପରିଣତ ହୋଇଛି ।

୧୧. **ଜି.ଇ.ଏମ. (୨୦୧୬) –** ସରକାରୀ କ୍ରୟ ବ୍ୟବସ୍ଥାକୁ ଏକକ ଅନଲାଇନ୍ ପ୍ଲାଟଫର୍ମରେ ଏକତ୍ର କରାଯାଇଥିଲା । ଏହା ମାଧ୍ୟମରେ ଦର, ଉତ୍ପାଦ ଏବଂ ବିକ୍ରେତାଙ୍କ ସମ୍ପର୍କରେ ଅଧିକ ସ୍ୱଚ୍ଛତା ଆସିପାରିଛି । କ୍ରୟ ବ୍ୟବସ୍ଥା ମଧ୍ୟସ୍ଥ ଏବଂ ସୀମିତ ପ୍ରତିଯୋଗିତା ଉପରେ ନିର୍ଭରଶୀଳତାରୁ ଦୂରେଇ ଏକ ଖୋଲା ଡିଜିଟାଲ ବଜାରରେ ପରିଣତ ହୋଇଛି ।

୧୨. **ଦେବାଳିଆ ଏବଂ ଦେବାଳିଆ ସଂହିତା (୨୦୧୬) –** ଆର୍ଥିକ ସଙ୍କଟର ସମାଧାନ ପାଇଁ ଏହା ଏକୀକୃତ, ଋଣଦାତା- ପ୍ରଚାଳିତ ଏବଂ ସମୟୋବଦ୍ଧ ବ୍ୟବସ୍ଥା ପ୍ରଚଳନ କରିଥିଲା । ଏହା ଋଣ ଶୃଙ୍ଖଳା ପାଇଁ ଏକ ଅନୁଷାନିକ ଭିତ୍ତି ପ୍ରଦାନ କରିଥିଲା ।

୧୩. **ଅଟଳ ଇନୋଭେସନ୍ ମିଶନ୍ (୨୦୧୬) –** ବିଦ୍ୟାଳୟ ସ୍ତରରେ ନବସୃଜନକୁ ପ୍ରୋତ୍ସାହନ ଦେବା ପାଇଁ ଅଟଳ ଟିଙ୍କରିଂ ଲ୍ୟାବ୍ ସ୍ଥାପନ କରାଯାଇଥିଲା ଏବଂ ଷ୍ଟାର୍ଟଅପ୍ଗୁଡ଼ିକ ନିମନ୍ତେ ଅଟଳ ଇନକ୍ୟୁବେସନ୍ ସେଣ୍ଟର ସ୍ଥାପିତ ହୋଇଥିଲା। ଏହା ମାଧ୍ୟମରେ ବ୍ୟାପକ ସ୍ତରରେ ନବସୃଜନର ଭାବନାକୁ ଗୁରୁତ୍ୱପୂର୍ଣ୍ଣ ଉତ୍ସାହ ମିଳିଥିଲା । ଏପର୍ଯ୍ୟନ୍ତ ସାରା ଦେଶରେ ୧୦,୦୦୦ଟି ଲ୍ୟାବ୍ ସ୍ଥାପିତ ହୋଇଛି; ସେଥି ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ସରକାରୀ ବିଦ୍ୟାଳୟରେ ଏବଂ ଅର୍ଦ୍ଧାଧିକ ଲ୍ୟାବ୍ ଗ୍ରାମାଞ୍ଚଳରେ ଅବସ୍ଥିତ ।

୧୪. **ରେରା (୨୦୧୬) –** ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ କ୍ରେତାମାନଙ୍କ ଅଧିକାରକୁ ଆଇନଗତ ସୁରକ୍ଷା ମିଳିଥିଲା । ପ୍ରକଳ୍ପ ପଞ୍ଜୀକରଣ, କ୍ରେତାମାନଙ୍କ ଅର୍ଥକୁ ପୃଥକ୍ ଖାତାରେ ରଖିବା ଏବଂ ବିବାଦ ସମାଧାନର ବ୍ୟବସ୍ଥା ମାଧ୍ୟମରେ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଥିଲା ।

୧୫. **ବସ୍ତୁ ଓ ସେବା କର ପରିଷଦ (ଜି.ଏସ.ଟି.) (୨୦୧୬) –** ସମ୍ବିଧାନିକ ସଂସ୍ଥା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ଟିକସ ସମ୍ବନ୍ଧୀୟ ବିଷୟରେ ମିଳିତ ଭାବେ ନିଷ୍ପତ୍ତି ନେବା ପାଇଁ ଏକ ମଞ୍ଚ ପ୍ରଦାନ କରାଗଲା । ଜି.ଏସ.ଟି. (ବସ୍ତୁ ଓ ସେବା କର) ବିଭିନ୍ନ ପରୋକ୍ଷ ଟିକସକୁ ବଦଳାଇ ଏକ ସାଧାରଣ ଜାତୀୟ ବଜାର ଗଠନ ଦିଗରେ ଏକ ବଡ଼ ପରିବର୍ତ୍ତନ ଆଣିଲା ।

୧୬. **ଜାତୀୟ ପଛୁଆ ବର୍ଗ ଆୟୋଗ –** ଜାତୀୟ ପଛୁଆ ବର୍ଗ ଆୟୋଗକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରି ଏହାର ପ୍ରତିଷ୍ଠାନଗତ ସ୍ଥିତିକୁ ସୁଦୃଢ଼ କରାଯାଇଛି । ଏହା ଜନସଂଖ୍ୟାର ଏକ ବଡ଼ ବର୍ଗ ପାଇଁ ଏକ ସ୍ଥାୟୀ ପ୍ରତିଷ୍ଠାନଗତ ସ୍ୱର ପ୍ରଦାନ କଲା ।

୧୭. **ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସି.ଡି.ଏସ.) (୨୦୧୯) –** ତିନୋଟି ସଶସ୍ତ୍ର ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ପାଇଁ ଚିଫ୍ ଅଫ୍ ଡିଫେନ୍ସ୍ଷ୍ଟାଫ୍. (ସି.ଡି.ଏସ.) ପଦବୀ ଏବଂ ସାମରିକ ବ୍ୟାପାର ବିଭାଗ ଗଠନ କରାଗଲା । ଦୀର୍ଘଦିନ ଧରି ପ୍ରସ୍ତାବିତ ଏକ ଯୁକ୍ତ ସାମରିକ ଢାଞ୍ଚାକୁ ଏହା ଏକ ପ୍ରତିଷ୍ଠାନଗତ ରୂପ ପ୍ରଦାନ କରିଛି ।

୧୮. **ସି.ଡି.ଆର.ଆଇ. (୨୦୧୯) –** ଭାରତର ପଦକ୍ଷେପରେ ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି ପାଇଁ ଏକ ଆନ୍ତର୍ଜାତୀୟ ମେଣ୍ଟ ଗଠନ କରାଗଲା । ଗବେଷଣା, ବୈଷୟିକ ସହଯୋଗ ଏବଂ ଦୃଢ଼ ନିର୍ମାଣ ମାନଦଣ୍ଡ ମାଧ୍ୟମରେ ଭିତ୍ତିଭୂମିର ସହନଶୀଳତାକୁ ଏକ ସାମୂହିକ ବିଶ୍ୱ ପ୍ରାଥମିକତା ଭାବେ ଗୁରୁତ୍ୱ ଦିଆଗଲା ।

୧୯. **ମିଶନ୍ କର୍ମଯୋଗୀ- ଆଇଗଟ୍(୨୦୨୦) –** ସରକାରୀ କର୍ମଚାରୀଙ୍କ ପ୍ରଶିକ୍ଷଣ ବ୍ୟବସ୍ଥାକୁ ପଦବୀ ଓ ବରିଷ୍ଠତା-ଆଧାରିତ ପ୍ରଣାଳୀରୁ ନିରନ୍ତର ଏବଂ ଦକ୍ଷତା ଆଧାରିତ ଶିକ୍ଷଣ ଦିଗକୁ ପରିବର୍ତ୍ତନ କରାଗଲା । ଅଧିକାରୀମାନଙ୍କୁ ସେମାନଙ୍କର ନିର୍ଦ୍ଦିଷ୍ଟ ଭୂମିକା ଅନୁସାରେ ଡିଜିଟାଲ୍ ପ୍ରଶିକ୍ଷଣ ଦିଆଗଲା ।

୨୦. **ଇନ୍ ସ୍ପେସ୍ ମହାକାଶ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ (୨୦୨୦) –** ମହାକାଶ କ୍ଷେତ୍ରରେ ଘରୋଇ କମ୍ପାନୀମାନଙ୍କ ପାଇଁ ଏକ 'ସିଙ୍ଗଲ୍ ୱିଣ୍ଡୋ' ବ୍ୟବସ୍ଥା ସ୍ଥାପନ କରାଗଲା । ଏହା ଉତକ୍ଷେପଣ, ଉପଗ୍ରହ, ପରୀକ୍ଷଣ ସୁବିଧା ଏବଂ ମହାକାଶ ସେବା ଭଳି କ୍ଷେତ୍ରରେ ଘରୋଇ କ୍ଷେତ୍ରକୁ ଅଗ୍ରସର ହେବା ପାଇଁ ଏକ ପ୍ରତିଷ୍ଠାନଗତ ପଥ ପ୍ରଦାନ କଲା ।



୨୧. ସହଯୋଗ ମନ୍ତ୍ରଣାଳୟ (୨୦୨୧) – ସମବାୟ କ୍ଷେତ୍ର ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା । ଏହା ଜାତୀୟ ସମବାୟ ଡାଟାବେସ୍, ବହୁ-ରାଜ୍ୟ ସମବାୟ ଢାଞ୍ଚା ଏବଂ ପ୍ରାଥମିକ କୃଷି ଋଣ ସମିତି (ପି.ଏ.ସି.ଏସ.)ଗୁଡ଼ିକର କମ୍ପ୍ୟୁଟରୀକରଣ ଭଳି ପଦକ୍ଷେପ ପାଇଁ ଏକ ପ୍ରତିଷ୍ଠାନଗତ ଭିତ୍ତି ପ୍ରଦାନ କରିଥିଲା ।

୨୨. ଗ୍ଲୋବାଲ୍ ବାୟୋଫ୍ୟୁଏଲ୍ସ ଆଲାୟାନ୍ସ (୨୦୨୩) – ଭାରତ, ବ୍ରାଜିଲ୍ ଏବଂ ଆମେରିକାର ପଦକ୍ଷେପରେ ଜୈବ ଇନ୍ଧନ ପାଇଁ ଏକ ସାମୂହିକ ଆନ୍ତର୍ଜାତୀୟ ମଞ୍ଚ ଗଠନ କରାଯାଇଥିଲା । ସାଧାରଣ ମାନଦଣ୍ଡ, ପ୍ରଯୁକ୍ତି ଏବଂ ବାଣିଜ୍ୟ ମାଧ୍ୟମରେ ବିଶ୍ୱ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରୟାସ କରାଯାଇଥିଲା ।

୨୪. ମେରା ଯୁବା ଭାରତ (୨୦୨୩):
ଦକ୍ଷତା ବିକାଶ, ସ୍ୱେଚ୍ଛାସେବା, ନେତୃତ୍ୱ ଏବଂ ସ୍ଥାନୀୟ ବିକାଶ ସହିତ ଜଡ଼ିତ ବିଭିନ୍ନ ପ୍ରୟାସକୁ ଏକତ୍ର କରିବା ପାଇଁ ଏକ ସମନ୍ୱିତ ମଞ୍ଚ ସୃଷ୍ଟି କରାଯାଇଥିଲା । ପଞ୍ଜୀକରଣ ଏବଂ ଏକ ସାମୂହିକ ଡାଟାବେସ୍ ମାଧ୍ୟମରେ ଯୁବମାନଙ୍କ ଅଂଶଗ୍ରହଣକୁ ଏକ ସ୍ଥାୟୀ ଢାଞ୍ଚା ପ୍ରଦାନ କରାଯାଇଥିଲା ।

୨୫. ଇଣ୍ଟରନାସନାଲ୍ ବିଗ କ୍ୟାଟ୍ ଆଲାୟାନ୍ସ (୨୦୨୩):
ସାତଟି ଭିନ୍ନ ପ୍ରଜାତିର ବାଘ, ସିଂହ ସଂରକ୍ଷଣ ପାଇଁ ଏକ ସହଯୋଗୀ ଆନ୍ତର୍ଜାତୀୟ ମଞ୍ଚ ଗଠନ କରାଯାଇଥିଲା । ଗବେଷଣା, ନିରୀକ୍ଷଣ, ଶିକାର-ବିରୋଧୀ ପଦକ୍ଷେପ ଏବଂ ଶ୍ରେଷ୍ଠ ପ୍ରଚଳନଗୁଡ଼ିକର ଆଦାନ-ପ୍ରଦାନ ମାଧ୍ୟମରେ ବନ୍ୟଜନ୍ତୁ ସଂରକ୍ଷଣକୁ ପ୍ରତିଷ୍ଠାନଗତ ସମର୍ଥନ ପ୍ରଦାନ କରାଯାଇଥିଲା ।



୨୩. ଅଗ୍ନିପଥ ଯୋଜନା (୨୦୨୨):
'ଅଗ୍ନିବୀର' ବ୍ୟବସ୍ଥା ମାଧ୍ୟମରେ ସୈନିକ ନିଯୁକ୍ତି ଏବଂ ସେବା ଢାଞ୍ଚାରେ ପରିବର୍ତ୍ତନ ଆଣାଯାଇଥିଲା । ଚାରି ବର୍ଷର ସେବା ଅବଧି, ନିର୍ଦ୍ଦିଷ୍ଟ ସଂଖ୍ୟକ କର୍ମଚାରୀଙ୍କୁ ରଖିବାର ବ୍ୟବସ୍ଥା ଏବଂ ପରବର୍ତ୍ତୀ ନିଯୁକ୍ତିର ସୁଯୋଗ ମାଧ୍ୟମରେ ଦୀର୍ଘକାଳୀନ ଭାବେ ସଶସ୍ତ୍ର ବାହିନୀକୁ ଅଧିକ ଯୁବ କରିବାର ଏକ ପଥ ନିର୍ଦ୍ଧାରଣ କରାଯାଇଥିଲା ।

"ନୀତି ଓ ଶାସନ ବ୍ୟବସ୍ଥାର ପରିବେଶରେ ମୋର ୨୫ ବର୍ଷ ପୂରଣ ହେବାକୁ ଯାଉଛି । ଏହି ବର୍ଷ ଗୁଡ଼ିକ ମଧ୍ୟରେ ଯେଉଁମାନେ ମୋତେ ଦେଖି ଆସିଛନ୍ତି, ସେମାନେ ଜାଣନ୍ତି ଯେ ମାଇଲଖୁଣ୍ଟ ହାସଲ କରି କେବଳ ଉତ୍ସବ ପାଳନ କରିବାରେ ମୋଦୀ ସନ୍ତୁଷ୍ଟ ହୋଇଯାଆନ୍ତି ନାହିଁ । ଗୋଟିଏ ଲକ୍ଷ୍ୟ ହାସଲ ହେବା ମାତ୍ରେ ମୁଁ ତୁରନ୍ତ ତାହାଠାରୁ ଆହୁରି ବଡ଼ ଲକ୍ଷ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଏ ।

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ମୁମ୍ବାଇରେ 'ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬'ର ଉଦଘାଟନ

ୟୁପିଆଇ...
ଏକ ସଭ୍ୟତାଗତ କାହାଣୀ

ଭାରତର ପ୍ରଯୁକ୍ତିଗତ ଉତ୍ଥାନର ଚମତ୍କାର କାହାଣୀରେ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁ.ପି.ଆଇ.) ଏହି ପରିବର୍ତ୍ତନର ଏକ ଉଲ୍ଲେଖନୀୟ ଚାମ୍ପିଅନ୍ । ୟୁ.ପି. ଆଇ. କେବଳ ଏକ ପ୍ରଯୁକ୍ତିର କାହାଣୀ ନୁହେଁ; ଏହା ଏକ ସଭ୍ୟତାଗତ କାହାଣୀ । ସେପ୍ଟେମ୍ବର ୮ ତାରିଖରେ ମୁମ୍ବାଇରେ ଆୟୋଜିତ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ (ଜି. ଏଫ.ଏଫ.) ୨୦୨୬ର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ ଫିନଟେକ୍ ବଜାରର ଏକ ବଡ଼ ଅଂଶ ପେମେଣ୍ଟ କ୍ଷେତ୍ର ଦଖଲ କରିଥିବାବେଳେ, ଏବେ ଏହାକୁ ପରବର୍ତ୍ତୀସ୍ତରକୁ ନେବାର ସମୟ ଆସିଛି ।



ପ୍ରଯୁକ୍ତି ହେଉଛି ସମାବେଶୀକରଣର ସବୁଠାରୁ ପ୍ରଭାବଶାଳୀ ଉପକରଣ ଏବଂ ୟୁପିଆଇ ଏହାକୁ ପ୍ରମାଣିତ କରିଛି । ଫିନଟେକ୍ କ୍ଷେତ୍ରର ଏକ ବିଶେଷ ବୈଶିଷ୍ଟ୍ୟ ହେବା ଉଚିତ ଯେ, ଏହା ସେହି ସ୍ଥାନଗୁଡ଼ିକରେ ମଧ୍ୟ ପହଞ୍ଚିପାରିବ, ଯେଉଁଠାରେ ପାରମ୍ପରିକ ବ୍ୟବସ୍ଥା ପହଞ୍ଚିପାରି ନଥିଲା ଏପରି ଅଞ୍ଚଳ, ଯେଉଁଠାରେ ପାରମ୍ପରିକ ବ୍ୟାଙ୍କ ଓ ବ୍ୟାଙ୍କ ଶାଖାଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚିବାରେ ବିଫଳ ହୋଇଥିଲେ । ୟୁପିଆଇ ସେହି ସ୍ଥାନ ଓ ସେହି ଲୋକମାନଙ୍କ ପାଖକୁ ବ୍ୟାଙ୍କିଂ ବ୍ୟବସ୍ଥାକୁ ସଫଳତାର ସହିତ ପହଞ୍ଚାଇଛି । "ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ ୨୦୨୬'ର ଉଦ୍ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ଫିନଟେକ୍ ବଜାରକୁ ଏବେ କେବଳ ପେମେଣ୍ଟରେ ସୀମିତ ନ ରଖି ଋଣ କାରବାର, ବୀମା, ସଞ୍ଚୟ, ନିବେଶ ଏବଂ ପେନସନ୍ ଭଳି କ୍ଷେତ୍ରରେ ମଧ୍ୟ ଅଧିକ ବିସ୍ତାର କରିବା ଆବଶ୍ୟକ ।

ଅଗଷ୍ଟ ୨୫ ତାରିଖରେ ୟୁ.ପି.ଆଇ. ତାହାର ୧୦ମ ବାର୍ଷିକୀ ପାଳନ କରିଥିଲା । ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ ଯେ, ଦଶ ବର୍ଷ ପୂର୍ବେ ସେ ଯେତେବେଳେ "ଆପଣଙ୍କ ଆଙ୍ଗୁଠିର ଟିପରେ ଆପଣଙ୍କ ବ୍ୟାଙ୍କ' ରହିବ ବୋଲି କହିଥିଲେ, ସେତେବେଳେ କେତେକ ଲୋକ ଏହି ଧାରଣାକୁ ଅବିଶ୍ୱସନୀୟ ବୋଲି ଭାବିଥିଲେ । କିନ୍ତୁ ମାତ୍ର ଏକ ଦଶନ୍ଧି ପରେ, ପିଢ଼ି ପରେ ପିଢ଼ି ବ୍ୟାଙ୍କିଂ ବ୍ୟବସ୍ଥାରୁ ବାହାରେ ରହିଥିବା ଲକ୍ଷ ଲକ୍ଷ ଲୋକ ଆଜି ଭାରତର ଫିନଟେକ୍ ବିକାଶର ପ୍ରମୁଖ ଚାଳକ ହୋଇପାରିଛନ୍ତି ।

ଭାରତର ପ୍ରଗତି ବିଶ୍ୱରେ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରୁଛି

ବିଶ୍ୱ ବର୍ତ୍ତମାନ ସଂଘର୍ଷ ଓ ଅନିଶ୍ଚିତତାର ଏକ ପର୍ଯ୍ୟାୟ ମଧ୍ୟରେ ଗତି କରୁଛି । ଶକ୍ତି ଓ ପଣ୍ୟ ଯୋଗାଣ ଶୃଙ୍ଖଳା ଉପରେ ଚାପ ରହିଛି, ଏଥି ସହିତ ବାଣିଜ୍ୟ ସମ୍ପର୍କିତ ଉତ୍ତେଜନା ମଧ୍ୟ ଦେଖାଦେଇଛି । ଏହି ପରିସ୍ଥିତି ଅନେକ ମାସ ଧରି ଜାରି ରହିଛି ଏବଂ ଏପ୍ରିଲ୍-ଜୁନ୍ ତ୍ରୈମାସିକ ସବୁଠାରୁ ଅଧିକ ଆହ୍ୱାନମୟ ଥିଲା । ଏହି ପରିସ୍ଥିତି ମଧ୍ୟରେ ଭାରତର ୭.୮% ଅଭିବୃଦ୍ଧି ହାର ବିଶ୍ୱ ସମୁଦାୟରେ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରୁଛି । ଭାରତର ସାର୍ବଭୌମ କ୍ରେଡିଟ୍ ରେଟିଂ ମଧ୍ୟ ଏହି ବଢୁଥିବା ଆତ୍ମବିଶ୍ୱାସର ଆଉ ଏକ ପ୍ରମାଣ। ସମ୍ପ୍ରତି, ଜାପାନର ଏକ କ୍ରେଡିଟ୍ ରେଟିଂ ଏଜେନ୍ସି ଭାରତର ସାର୍ବଭୌମ ରେଟିଂକୁ 'ଏ' ଶ୍ରେଣୀକୁ ଉନ୍ନୀତ କରିଛି ଯାହା ତିନି ଦଶନ୍ଧି ପରେ ହାସଲ ହୋଇଥିବା ଏକ ମାଇଲଖୁଣ୍ଟ ବୋଲି ବିବେଚନା କରାଯାଇପାରେ । ଏହା ଭାରତର ଅଭିବୃଦ୍ଧିର ଗତି, ସାମଗ୍ରିକ ଅର୍ଥନୈତିକ ସ୍ଥିରତା ଏବଂ ଗତ କିଛି ବର୍ଷ ଧରି କାର୍ଯ୍ୟକାରୀ କରାଯାଇଥିବା ଗଠନମୂଳକ ସଂସ୍କାର ପ୍ରତି ବିଶ୍ୱର ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁନର୍ବାର କହିଛନ୍ତି ଯେ

କେବଳ ଅଗଷ୍ଟ ମାସରେ ୨୪ ବିଲିୟନରୁ ଅଧିକ କାରବାର ୟୁପିଆଇ ମାଧ୍ୟମରେ କରାଯାଇଛି । ଭାରତର ୟୁପିଆଇ ବର୍ତ୍ତମାନ ବିଶ୍ୱର ୧୧ଟି ଦେଶରେ ସକ୍ରିୟ ଅଛି ।



ଡିଜିଟାଲ୍ ଇଣ୍ଡିଆର ସଫଳତାର କାହାଣୀ ବର୍ତ୍ତମାନ ଏକ ନୂଆ ଅଧ୍ୟାୟ ପାଇଁ ପ୍ରସ୍ତୁତ । ଆମର ଏପର୍ଯ୍ୟନ୍ତର ଫିନଟେକ୍ ଯାତ୍ରାର ସଫଳତା ବ୍ୟାପକତା, ପରିସର, ସୁରକ୍ଷିତ ବ୍ୟବସ୍ଥା, ପ୍ରଯୁକ୍ତିର ଗଣତାନ୍ତ୍ରିକୀକରଣ ଏବଂ ଜନସାଧାରଣଙ୍କ ବିଶ୍ୱାସ ଦ୍ୱାରା ପରିଭାଷିତ ।

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଫିନଟେକ କମ୍ପାନୀଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦାୟିତ୍ୱ...

୨୧ତମ ଶତାବ୍ଦୀର ଦ୍ୱିତୀୟ ପାଦ ଆମ ପାଇଁ ନୂଆ ସମ୍ଭାବନା ନେଇଆସୁଛି । ଏଜେଣ୍ଟିକ୍ ଏଆଇ., ଟେକେନାଇଜେସନ୍, ଏବଂ କ୍ୱାଣ୍ଟମ କମ୍ପ୍ୟୁଟିଂ ଭଳି ପ୍ରଯୁକ୍ତିଗୁଡ଼ିକ ଆର୍ଥିକ କ୍ଷେତ୍ରରେ ନୂଆ ସୁଯୋଗର ଦ୍ୱାର ଉନ୍ମୋଚନ କରିଚାଲିଛନ୍ତି। ବର୍ତ୍ତମାନର ଚ୍ୟାଲେଞ୍ଜ ହେଉଛି, ଏହି ସମ୍ଭାବନାଗୁଡ଼ିକୁ ବାସ୍ତବ ପ୍ରଭାବରେ ପରିଣତ କରିବା । ପ୍ରଧାନମନ୍ତ୍ରୀ ମୋଦୀ ଫିନଟେକ କମ୍ପାନୀଗୁଡ଼ିକୁ ସାମୂହିକ ଭାବେ କିଛି ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପରାମର୍ଶ ଦେଇଥିଲେ । ତାଙ୍କ ଅନୁସାରେ, ଯଦି ଏହି ମାନଦଣ୍ଡଗୁଡ଼ିକ ଆଧାରରେ କ୍ଷେତ୍ରଟି ନିଜକୁ ମାପେ, ତେବେ ଭାରତର ଫିନଟେକ୍ ଶିଳ୍ପ ଅସୀମ ସମ୍ଭାବନାର ଏକ ଦ୍ୱାର ହୋଇପାରେ:

୧. ଭାରତରେ ସାଇବର ସୁରକ୍ଷାକୁ ସର୍ବୋଚ୍ଚ ମାନର କରିବା ।

୨. ଶିଳ୍ପ କ୍ଷେତ୍ର ନିଜସ୍ୱ ନୈତିକ ତଥ୍ୟ ସୁରକ୍ଷା ମାନଦଣ୍ଡ ସ୍ଥାପନ କରିବା ଉଚିତ ।

୩. ଏକ ସୁଦୃଢ଼ ଫିନଟେକ୍ ନିୟାମକ ଏବଂ ନବସୃଜନ ପରିବେଶ ଗଢ଼ି ତୋଳିବା ।

୪. ପ୍ରତ୍ୟେକ କମ୍ପାନୀ ପାଇଁ ସ୍ୱଚ୍ଛ ରେଟିଂ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଏକ ଫିନଟେକ୍ ଉପଭୋକ୍ତା ସୁରକ୍ଷା ସୂଚକାଙ୍କ ସୃଷ୍ଟି କରିବା ।

Scan the QR code to watch PM Modi's full program.

ଭାରତର 'ସଂସ୍କାର ଏକ୍ସପ୍ରେସ୍' ଆହୁରି ଦ୍ରୁତ ଗତିରେ ଆଗକୁ ବଢ଼ିବ ।

ପ୍ରଧାନମନ୍ତ୍ରୀ ମୋଦୀ ସଫଳତାରେ ସନ୍ତୁଷ୍ଟ ହୋଇ ରହିଯିବା ବ୍ୟକ୍ତି ନୁହନ୍ତି । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସେ କହିଥିଲେ ଯେ ନୀତି ନିର୍ମାଣ ଓ ଶାସନ ବ୍ୟବସ୍ଥାରେ ତାଙ୍କର ୨୫ ବର୍ଷ ପୂରଣ ହେବାକୁ ଯାଉଛି । ବର୍ଷ ବର୍ଷ କାଳ ଧରି ତାଙ୍କୁ ଦେଖିଆସୁଥିବା ଲୋକମାନେ ଜାଣନ୍ତି ଯେ, ଗୋଟିଏ ଲକ୍ଷ୍ୟ ହାସଲ କରିବା ପରେ ସେ ତୁରନ୍ତ ତାହାଠାରୁ ବଡ଼ ଲକ୍ଷ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି । ସେ କହିଥିଲେ ଯେ ଭାରତର ୟୁପିଆଇ ବ୍ୟବସ୍ଥା ଅନେକ ଦେଶରେ ପହଞ୍ଚିସାରିଛି, କିନ୍ତୁ ଏହା କେବଳ ପ୍ରଥମ ପଦକ୍ଷେପ । ପରବର୍ତ୍ତୀ ଲକ୍ଷ୍ୟ ହେବା ଉଚିତ ସେହି ଦେଶଗୁଡ଼ିକର ପେମେଣ୍ଟ ବ୍ୟବସ୍ଥା ସହିତ ୟୁପିଆଇକୁ ସମନ୍ୱିତ କରିବା ଏକ ସଫଳତା, ଯାହା ଭାରତ ପୂର୍ବରୁ ସିଙ୍ଗାପୁର ସହିତ ହାସଲ କରିସାରିଛି ।

ମୁମ୍ବାଇରେ ସେପ୍ଟେମ୍ବର ୮ରୁ ୧୧, ୨୦୨୬ ପର୍ଯ୍ୟନ୍ତ ଜି.ଏଫ.ଏଫ. ଆୟୋଜିତ

ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ (ଜି.ଏଫ.ଏଫ.) ୨୦୨୬ର ସପ୍ତମ ସଂସ୍କରଣ ସେପ୍ଟେମ୍ବର ୮ରୁ ୧୧, ୨୦୨୬ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହୋଇଥିଲା । ୨୦୨୦ ମସିହାରୁ ଜି.ଏଫ.ଏଫ. ଏକ ଅନ୍ତର୍ଜାତୀୟ ଚିନ୍ତନ- ନେତୃତ୍ୱ ମଞ୍ଚ ଭାବେ ବିକଶିତ ହୋଇଛି । ଏହା ନୀତି ନିର୍ମାତା, ନିୟାମକ, କେନ୍ଦ୍ରୀୟ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ଫିନ୍ଟେକ୍ କମ୍ପାନୀ, ପ୍ରଯୁକ୍ତି କମ୍ପାନୀ, ନିବେଶକ, ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ହିତାଧିକାରୀମାନଙ୍କୁ ଏକତ୍ର କରି ଭବିଷ୍ୟତର ଆର୍ଥିକ ବ୍ୟବସ୍ଥାକୁ କିପରି ଗଢ଼ାଯିବ, ସେ ନେଇ ଆଲୋଚନା କରିବାର ସୁଯୋଗ ପ୍ରଦାନ କରେ ।



ମାଲବାହୀ କରିଡୋର୍

ଏକ ପୁନରୁତ୍ଥାନଶୀଳ ଭାରତର ଜୀବନରେଖା

ଦେଶକୁ ୨୦୪୭ ସୁଦ୍ଧା ବିକଶିତ ଭାରତ'ରେ ପରିଣତ କରିବା ଦିଗରେ କେନ୍ଦ୍ର ସରକାର ଆଗେଇ ଚାଲିଛି । ଏହି ଲକ୍ଷ୍ୟ ହାସଲ କରିବାରେ ସମସ୍ତ ପ୍ରକାରର ଭିତ୍ତିଭୂମି ଏକ ଗୁରତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେଥିପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ଅଞ୍ଚଳରେ ଦ୍ରୁତଗତିରେ ଭିତ୍ତିଭୂମିର ବିକାଶ କରୁଛି । ଏହି ପଦକ୍ଷେପର ଅଂଶ ଭାବେ, ସେପ୍ଟେମ୍ବର ୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ବଡୋଦରାଠାରେ ୩୫,୦୦୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ମାଲବାହୀ କରିଡୋର୍, ବନ୍ଦର, ରେଳପଥ, ସଡ଼କ, ବିଦ୍ୟୁତ୍, ଆବାସ ଏବଂ ଜଳଯୋଗାଣ ଭଳି ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ଥିଲା...

ଆଧୁନିକ ଆବଶ୍ୟକତା ସହ ସମନ୍ୱିତ ଏକ ବିକଶିତ ଭାରତ ପାଇଁ ନିରବିଚ୍ଛିନ୍ନ ଯୋଗାଯୋଗ ବ୍ୟବସ୍ଥା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ, ୧,୮୦୦ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ଡେଡିକେଟେଡ୍ ଫ୍ରେଟ୍ କରିଡର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଯଦିଓ ଏହି କରିଡର ଧାରଣା ୨୦୦୪ ମସିହାରେ ଉତ୍ପନ୍ନ ହୋଇଥିଲା ଏବଂ ୨୦୦୬ରେ ଏଥିପାଇଁ ଏକ ସ୍ୱତନ୍ତ୍ର କମ୍ପାନୀ ଗଠନ କରାଯାଇଥିଲା, ତଥାପି ସମ୍ପୃକ୍ତ ଫାଇଲଗୁଡ଼ିକ ୨୦୧୪ ପର୍ଯ୍ୟନ୍ତ କେବଳ ଏପଟସେପଟ ଘୁରୁଥିଲା । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରେ ହିଁ ଏହି କରିଡରର କାର୍ଯ୍ୟକୁ ସମ୍ପୂର୍ଣ୍ଣତା ଦିଆଯାଇ ପାରିଥିଲା । ଆଜି ପୂର୍ବ ଓ ପଶ୍ଚିମ ଡେଡିକେଟେଡ୍ ଫ୍ରେଟ୍ କରିଡର ଦେଶର ବାଣିଜ୍ୟ ଓ ବ୍ୟବସାୟର ମେରୁଦଣ୍ଡରେ ପରିଣତ ହେଉଛି । ଡେଡିକେଟେଡ୍ ଫ୍ରେଟ୍ କରିଡର ଦ୍ରୁତଗତିରେ ବିକଶିତ ହେଉଥିବା ଭାରତର ଜୀବନରେଖା ଭାବେ କାର୍ଯ୍ୟ କରୁଛି । ବର୍ତ୍ତମାନ ପୂର୍ବ ଓ ପଶ୍ଚିମ ଫ୍ରେଟ୍ କରିଡରରେ ପ୍ରତିଦିନ ୪୩୦ରୁ ଅଧିକ ମାଲବାହୀ ଟ୍ରେନ୍ ଚଳାଚଳ କରୁଛି । ପୂର୍ବରୁ ଏକ ମାଲବାହୀ ଟ୍ରେନକୁ ୧୦୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ସାଢ଼େ ୬ ଘଣ୍ଟା ସମୟ ଲାଗୁଥିଲା; ଏବେ ସେହି ଦୂରତାକୁ ଅଧାରୁ କମ୍ ସମୟରେ ଅତିକ୍ରମ କରିପାରୁଛି । ଟ୍ରକରେ ସାଧାରଣତଃ ଯେଉଁ ଯାତ୍ରାରେ ସାମଗ୍ରୀ ପରିବହନ ପାଇଁ ୩୦ ଘଣ୍ଟା ସମୟ ଲାଗେ, ଡେଡିକେଟେଡ୍ ଫ୍ରେଟ୍ କରିଡର ମାଧ୍ୟମରେ ସେହି ପରିବହନ ମାତ୍ର ୧୦ରୁ ୧୨ ଘଣ୍ଟାରେ ସମ୍ପୂର୍ଣ୍ଣହେଉଛି ।

୨୦୧୪ ମସିହାଠାରୁ ଭାରତରେ ୫୦,୦୦୦ଟି ଆଧୁନିକ ରେଳ କୋଚ୍ ନିର୍ମାଣ କରାଯାଇଛି ଏବଂ ରେଳ ନେଟୱର୍କରେ ପ୍ରାୟ ୨.୫ ଲକ୍ଷ ମାଲବାହୀ ୱାଗନ୍ ଯୋଡ଼ା ଯାଇଛି ।





